ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.57 Bhubaneswar Friday, April 09, 2021 | ୨୪ତମ ବର୍ଷ ସଂଖ୍ୟା-୫୭ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୦୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ନୂଆଦିଲ୍ଲୀଠାରେ ପର୍ତ୍ତୁଗାଲର ଆନ୍ତର୍ଜାତୀୟକରଣ ମନ୍ତ୍ରୀ ୟୁରିକୋ ବ୍ରିଲହାଣ୍ଟେ ଡିଆସ ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟୁଛନ୍ତି

## ଗୋଟିଏ ଦିନରେ ୮୭୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୭୯ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୫୫୨୬କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୪୫୫୨୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୪୮୮୮ ରହିଛି । ଆଜି ଚିହ୍ନଟ ହୋଇଥିବା ୮୭୯ ଜଣଙ୍କ ମଧ୍ୟରୁ ୫୧୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୪୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୨ ଜଣ, ବରଗଡ଼ରୁ ୫୩ ଜଣ, ଭଦ୍ରକରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୬ ଜଣ, ବୌଦ୍ଧରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କଟକରୁ ୫୦ ଜଣ, ଦେବଗଡ ଜିଲ୍ଲାରୁ ଜଣେ, ଗଜପତି ଜିଲ୍ଲାରୁ ୧, ଗଞ୍ଜାମରୁ ୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୧୫ ଜଣ, ଝାରସୁଗୁଡ଼ାରୁ ୨୩ ଜଣ, କଳାହାଣ୍ଡିରୁ ୪୩ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୯ ଜଣ, କେନ୍ଦୁଝରରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୧୪୪ ଜଣ, କୋରାପୁଟରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୨୯ ଜଣ, ନବରଙ୍ଗପୁରରୁ ୧୯ ଜଣ, ନୟାଗଡ଼ରୁ ୬ ଜଣ, ନୂଆପଡ଼ାରୁ ୬୧ ଜଣ, ପୁରୀରୁ ୪୫ ଜଣ, ରାୟଗଡ଼ାରୁ ୧୩ ଜଣ ସଂକ୍ରମିତଚ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୮ ଜଣ, ସୋନପୁରରୁ ୨ ଜଣ, ସୁନ୍ଦରଗଡ଼ରୁ ୧୩୧ ଜଣ ଓ ଷ୍ଟେଟ୍ ପୁଲରୁ ୩୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପୁଣି ୪ ଦିନ ବନ୍ଦ ରହିବ ଏସ୍‌ବିଆଇର ଭୁବନେଶ୍ୱର ମୁଖ୍ୟ ଶାଖା

ଭୁବନେଶ୍ୱର,୮।୪(ପି.ଏନ): ଅଧିକ ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ରାଜଧାନୀ ଭୁବନେଶ୍ୱରର ୟୁନିଟ-୧ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର (ଏସ୍‌ବିଆଇ) ମୁଖ୍ୟ ଶାଖା ଆହୁରି ୪ ଦିନ ବନ୍ଦ ରହିବ ବୋଲି ବିଏମସି ପକ୍ଷରୁ ସୂଚନା ଦିଆ ଯାଇଛି । କାର୍ଯ୍ୟାଳୟର ଉଭୟ ତଳ ଓ ପ୍ରଥମ ମହଲା କୋଠାକୁ ଆଜିଠାରୁ ଅର୍ଥାତ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି।

## ଓଡିଶା ଆସିଲେ ଆରଟିପିସିଆର ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ

ଭୁବନେଶ୍ୱର, ୮।୪(ପି.ଏନ): ଏଣିକି ଓଡ଼ିଶା ଆସିବାକୁ ହେଲେ କୋଭିଡ୍ ନେଗେଟିଭ ରିପୋର୍ଟ ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ଏପ୍ରିଲ ୧୦ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡିଶାରୁ ଛତିଶଗଡ଼କୁ କୌଣସି ଗାଡ଼ି ଯାଇପାରିବ ନାହିଁ କି ଆସିପାରିବ ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ପକ୍ଷରୁ ସୂରଚନା ଦିଆଯାଇଛି। ରାଜ୍ୟରେ କରୋନା ସଂକ୍ରମଣରୁ ବୃଦ୍ଧିକୁ ଦୃଷ୍ଟିରେ ରଖି ଗୁରୁବାର ଦିନ ଏସଆରସିଙ୍କ ପକ୍ଷରୁ ନୂତନ ଗାଇଡ୍ ଲାଇନ୍ ଜାରି କରାଯାଇଛି। ଏହା ଅନୁଯାୟୀ ଏଣିକି ଯେକୌଣସି ସ୍ଥାନରୁ ଯେକୌଣସି ସାଧାରଣ ପରିବହନ ବ୍ୟବସ୍ଥା (ବସ୍, ରେଳ , ବିମାନ ବା ଜଳପଥ ) କିମ୍ବା ଘରୋଇ ଗାଡିରେ ଆସିଲେ ୭୨ ଘଂଟା ପୂର୍ବର ଆରଟିପିସିଆର ନେଗେଟିଭ ରିପୋର୍ଟ ନେଇ ଆସିବେ। ଏହା ବ୍ୟତୀତ ଦୁଇ ଡୋଜ୍ ଟିକା ନେଇଥିଲେ ଓଡ଼ିଶା ପ୍ରବେଶକୁ ଅନୁମତି ମିଳିପାରିବ। ଏହି ଉଭୟ ରିପୋର୍ଟ ନଥିଲେ ୭ ଦିନ କ୍ୱାରେଂଟାଇନ୍ ରେ ରହିବାକୁ ବାଧ୍ୟ ହେବେ। ଏପ୍ରିଲ ୧୨ ତାରିଖରୁ ଏହି ନୂଆ ନିୟମ ଲାଗୁ ହେବ। ସେହିପରି ଏପ୍ରିଲ ୧୦ରୁ ୩୦ ତାରିଖ ପର୍ଯ୍ୟନ୍ତ ଛତିଶଗଡରୁ ଓଡିଶାକୁ ଏବଂ ଓଡିଶାରୁ ଛତିଶଗଡକୁ ବସ୍ ଓ ଟ୍ରେନ୍ ଚଳାଚଳ ବନ୍ଦ ରହିବ। ସୀମାନ୍ତ ଚେକ୍ ଗେଟ୍ ଗୁଡିକରେ ଯାଂଚ କଡାକଡି କରିବାକୁ କୁହାଯାଇଛି। ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ , ମାଲକାନଗିରି , ଗଂଜାମ, ଗଜପତି, ରାୟଗଡା, କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଟିଏମସି ଓ ସିଏଲ ଟିଏମସି ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପିପିଲି ନିର୍ବାଚନମଣ୍ଡଳୀରେ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀଙ୍କ ଜୋରଦାର ପ୍ରଚାର

ପିପିଲି-ଡେଲାଙ୍ଗ/ଭୁବନେଶ୍ୱର, ୮।୪(ପି.ଏନ): ଶାସକ ବିଜେଡି ପିପିଲିକୁ ସର୍ବଦା ଅବହେଳା କରିଆସିଛି । ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରେ ଦିବଙ୍ଗତ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀ କୌଣସି ବିକାଶମୂଳକ କାର୍ଯ୍ୟ କରିନାହାଁନ୍ତି । ପିପିଲିରେ ବେକାରୀ ସବୁଠୁ ବଡ ସମସ୍ୟା। ଏହି ଅଂଚଳର ଲୋକମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି । ଆଉ ଆଗାମୀ ଦିନରେ ଏପରି ସମସ୍ୟା ଦେଖିବାକୁ ମିଳିବ ନାହିଁ ପିପିଲିର ବିକାଶ ପାଇଁ ପିପିଲିବାସୀ ନିଶ୍ଚିତ ଭାବେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିବେ ବୋଲି ପିପିଲି ପ୍ରଚାର ସମୟରେ କହିଛନ୍ତି ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ କହିଛନ୍ତି । ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଛନ୍ତି ଯେ, ବିଜେଡି ସରକାର ମହିଳାଙ୍କ ନାଁ ରେ କେବଳ ଭୋଟ ବ୍ୟାଙ୍କ ରାଜନୀତି କରେ । ନିର୍ବାଚନ ସରିଗଲେ ବିଜେଡି ସରକାର ମହିଳାଙ୍କ କଥା ଭୁଲିଯାଏ । କିନ୍ତୁ ଅପରପକ୍ଷେ ବିଜେପି ସର୍ବଦା ମହିଳାଙ୍କୁ ସମ୍ମାନ ଦିଏ। କେବଳ ମହିଳାଙ୍କ ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆବାସ ଯୋଜନା, ଜନଧନ ଯୋଜନା, ମାତୃତ୍ୱ ବନ୍ଦନ, ମାତୃତ୍ୱ ସୁରକ୍ଷିତ, ବେଟି ପଢାଓ ବେଟି ବଚାଓ, ସୁକନ୍ୟା ସମୃଦ୍ଧି, ଉଜ୍ଜଳା ଯୋଜନା, ସ୍ୱଚ୍ଛ ଭାରତ ଅନ୍ତର୍ଗତ ଶୌଚାଳୟ ନିର୍ମାଣ ଆଦି ଅନେକ ଯୋଜନା କରାଯାଇଛି । ପିପିଲିରେ ଗତ ଫନି ବାତ୍ୟାରେ ମିଳିଥିବା କ୍ଷତିପୂରଣକୁ ବିଜେଡି ସରକାର କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ ପହଂଚାଇ ପାରିଲା ନାହିଁ । ପିପିଲିରେ କୌଣସି କ୍ଷୁଦ୍ର ଶିଳ୍ପାଂଚଳ ନାହିଁ । କେବଳ ପିପିଲିରେ ବୋମା ବନାଇବା ଇଣ୍ଡଷ୍ଟ୍ରୀ ରହିଛି ବୋଲି ପ୍ରଚାର ସମୟରେ ପିପିଲିବାସୀ ଅଭିଯୋଗ କରିଥିଲେ । ମହିଳାଙ୍କ ପାଇଁ ଓଡିଶା କ୍ରାଇମ କ୍ୟାପିଟାଲ ପାଲଟିଛି । ଶିଶୁ ତସ୍କରୀରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାଁନ୍ତି । ରାଜ୍ୟରେ ବିଗତ ୫ ବର୍ଷରେ ୨୨ ହଜାରରରୁ ଉର୍ଦ୍ଧ୍ୱ ଶିଶୁ ନିଖୋଜ ହୋଇଛନ୍ତି । ରାଜ୍ୟରେ ମହିଳାଙ୍କୁ ସମ୍ମାନ ଓ ଶିଶୁଙ୍କୁ ସୁରକ୍ଷା ଏବଂ ଯୁବପିଢୀଙ୍କୁ ନିଯୁକ୍ତି ମିଳିବା ପାଇଁ ପିପିଲି ବାସୀ ବିଜେପିକୁ ସମର୍ଥନ କରିବେ ବୋଲି ସୁନିଶ୍ଚିତ କରିଛନ୍ତି । ୨୦୧୯ ନିର୍ବାଚନ ହାରିବା ପରେ ବି ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଲଗାତାର ପିପିଲିବାସୀଙ୍କ ସୁଖ ଦୁଃଖରେ ନିଜକୁ ସାମିଲ କରିଛନ୍ତି ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଛନ୍ତି । ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ଜଇଶପାଟଣା ଛକରୁ ବାହାରି ଶିଉଳି, କୁଂଜର, ମାଟିଆପଡା, ଗୋବିନ୍ଦପୁର, ଲକ୍ଷ୍ମୀନାରାୟଣପୁର ଗାଁ ବୁଲି ପିପିଲି ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସପକ୍ଷରେ ପ୍ରଚାର କରିବା ସହ ପିପିଲି ଠାରେ ଏକ ମହିଳା ସମାବେଶକୁ ସମ୍ବୋଧିତ କରିଥିଲେ । ଏହା ପରେ ଶ୍ରୀମତୀ ପୁରନ୍ଦେଶ୍ୱରୀ କୌଶଲ୍ୟାଗଙ୍ଗ, ପୂର୍ବଶାସନ, ଓରକୋଳ, ପବରଙ୍ଗା, ତାମସରା ଆଦି ପଂଚାୟତରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ । ପିପିଲିବାସୀ ପରିବର୍ତନ ଚାହୁଁଛନ୍ତି। ଓଡିଶାରେ ପରିବର୍ତନ ପିପିଲି ଉପନିର୍ବାଚନରୁ ଆରମ୍ଭ ହେବ ଏବଂ ନୂଆ ଇତିହାସ ସୃଷ୍ଟି କରିବ ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଛନ୍ତି । ଏହି ଅବସରରେ ବିଜେପି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ସନ୍ଧ୍ୟା ସୁଦ୍ଧା ଟିକା ନ ଆସିଲେ ଓଡ଼ିଶାରେ ଶନିବାରରୁ ବନ୍ଦ ହେବ ଟିକାକରଣ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୪(ପି.ଏନ): ଆଜି ସନ୍ଧ୍ୟା ସୁଦ୍ଧା ଟିକା ନ ଆସିଲେ ଓଡ଼ିଶାରେ ଶନିବାରରୁ ଟିକାକରଣ ବନ୍ଦ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ରାଜ୍ୟରେ ଟିକାକରଣ ଲାଗି ଦିନକୁ ୨.୫ ଲକ୍ଷ ଟିକା ଦରକାର। ଓଡ଼ିଶାରେ ମାତ୍ର ୦.୫ ଟିକା ନଷ୍ଟ ହୋଇଛି। ୧୦ ଦିନ ପାଇଁ ଆମକୁ ଟିକା ଯୋଗାଇ ଦେବାକୁ କେନ୍ଦ୍ରକୁ ଚିଠି ଲେଖାଯାଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଯାଏ ଟିକା ଆସିନି। ଆଜି ସନ୍ଧ୍ୟା ସୁଦ୍ଧା ନ ଆସିଲେ ଶନିବାରରୁ ଟିକାକରଣ ବନ୍ଦ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ସଂକ୍ରମଣ ବୃଦ୍ଧି ପାଉଥିବା ରାଜ୍ୟରୁ ଓଡ଼ିଶା ଆସୁଥିବା ଲୋକମାନଙ୍କର ଆରଟିପିସିଆର୍ ଟେଷ୍ଟିଂ କରାଯିବ। ସେମାନେ ୭ ଦିନ ସଙ୍ଗରୋଧରେ ରହିବେ। ପଶ୍ଚିମବଙ୍ଗ ଫେରନ୍ତାଙ୍କର ବି ପରୀକ୍ଷା ହେବ। ସଂକ୍ରମଣ ବଢୁଥିବାରୁ ସରକାରୀ ଓ ଘରୋଇ ହସ୍ପିଟାଲ ପ୍ରସ୍ତୁତ ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆସରିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ୧୩ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର , ୮।୪(ପି.ଏନ): ରାଜ୍ୟର ଅଧିକାଂଶ ଜିଲ୍ଲାରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଜି (ଗୁରୁବାର) ସଂଧ୍ୟା ଠାରୁ ଆସନ୍ତାକାଲି (ଶୁକ୍ରବାର) ସକାଳ ମଧ୍ୟରେ ମୟୂରଭଞ୍ଜ, ଯାଜପୁର, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, କୋରାପୁଟ, ମାଲକାନଗିରି ଓ କନ୍ଧମାଳ ଜିଲ୍ଲାର ଉପରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ପବନର ବେଗ ୩୦-୪୦ କିଲୋମିଟର ରହି କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୯ ତାରିଖ ସକାଳ ଠାରୁ ୧୦ ତାରିଖ ସକାଳ ମଧ୍ୟରେ କେନ୍ଦୁଝର, ମୟୁରଭଂଜ,ଯାଜପୁର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କନ୍ଧମାଳ , ଗଜପତି, ଗଂଜାମ , ରାୟଗଡାଓ କେନ୍ଦ୍ରାପଡା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୧୦ ତାରିଖ ସକାଳ ଠାରୁ ୧୧ ତାରିଖ ସକାଳ ମଧ୍ୟରେ କନ୍ଧମାଳ, ରାୟଗଡା, ଖୋର୍ଦ୍ଧା. କଟକ , ଗଂଜାମ, ନୟାଗଡ, ବୌଦ୍ଧ, ପୁରୀ , କୋରାପୁଟ, ମାଲକାନଗିରି, କେନ୍ଦୁଝର ଓ ମୟୁରଭଂଜ , ୧୧ ତାରିଖ ସକାଳ ଠାରୁ ୧୨ ତାରିଖ ସକାଳ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଦେବଗଡ, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ ଓ ନବରଙ୍ଗପୁର ଏବଂ ୧୨ ତାରିଖ ସକାଳ ଠାରୁ ୧୩ ତାରିଖ ସକାଳ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ , ବଲାଙ୍ଗୀର ଓ ଗଜପତି ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ସମ୍ପୃକ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର।

## ଭୁବନେଶ୍ୱରରୁ ୧୦୮ କରୋନା ପଜିଟିଭ୍

ଭୁବନେଶ୍ୱର, ୮।୪(ପି.ଏନ): ଭୁବନେଶ୍ୱରରେ କରୋନା ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଆଜି ବି ୧୦୦ ଅଙ୍କ ପାର୍ କରିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗତକାଲି ୧୦୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଜି (ଗୁରୁବାର ) ଆଉ ୧୦୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ଯରୁ ୮୮ ଲୋକାଲ କେସ୍ ଥିବା ବେଳେ ୨୦ କ୍ୱାରେଂଟାଇନରୁ ରହିଛନ୍ତି। ସେହିପରି ଆଜି ୫୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ଟ୍ୱିଟ୍ କରି ସୂଚନା ଦେଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ବିଏମ୍‌ସି ଅଂଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୩୦୪୩କୁ ବୃଦ୍ଧି ପାଇଛି। ୨୫୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୨୧୦୩ ଜଣ ଆରୋଗ୍ୟ ହୋଇସାରିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ମୋଟ୍ ଆକ୍ଟିଭ କେସ୍ ସଂଖ୍ୟା ୬୬୯କୁ ବୃଦ୍ଧି ପାଇଛି। ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଖଣ୍ଡଗିରି ଅଂଚଳରୁ ସର୍ବାଧିକ ୧୧ ଜଣ , ଓଲ୍ଡଟାଉନ୍ ରୁ ୭ ଜଣ, ନୟାପଲ୍ଲୀ ଓ ପଟିଆରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପିଏଲଏଫଆଇ ନାମରେ ୧୦ ଲକ୍ଷ ଚାନ୍ଦା ମାଗିବା ଅଭିଯୋଗ : ୨ ଗିରଫ

ରାଉରକେଲା, ୮।୪(ପି.ଏନ): ରାଉରକେଲା ପୁଲିସ ଜିଲ୍ଲା ଓ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଅଂଚଳରେ ପିଏଲଏଫଆଇ ମାନଙ୍କ ପ୍ରଭାବ ଦିନକୁ ଦିନ ବଢୁଥିବା ବେଳେ, ସେମାନଙ୍କ ନାମରେ ଜଣେ କ୍ରସର ବ୍ୟବସାୟୀଙ୍କୁ ୧୦ ଲକ୍ଷ ଟଙ୍କା ଚାନ୍ଦା ମାଗିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ରାଉରକେଲା ପୁଲିସ । ତେବେ ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ ଅଂଚଳରେ ସକ୍ରୀୟ ଥିବା ଏହି ପିଏଲଏଫଆଇ ସଂଗଠନ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ବୀରମିତ୍ରପୁର ଥାନା ଅଂଚଳରେ ସକ୍ରୀୟ ଥିଲେ । ଏମାନେ ଅନେକ ଅପରାଧ ଘଟାଇବା ସହ ଅତୀତରେ ଦାଦା ବଟି ମଧ୍ୟ ଆଦାୟ କରୁଥିଲେ । ତେବେ ଏହି ସଂଗଠନର ପ୍ରଭାବ ଏବେ ରାଉରକେଲା ସହରରେ ପଡିଥିବା ବିଷୟ ଜଣେ କ୍ରସର ବ୍ୟବସାୟୀଙ୍କ ଠାରୁ ଏହି ସଂଗଠନ ନାମରେ ଚାନ୍ଦା ମାଗିବା କଥାରୁ ସ୍ପଷ୍ଟ କରିଛି । ରାଉରକେଲା ରାଜଗାଙ୍ଗପୁର ଅଂଚଳରେ ପୂର୍ବରୁ ମାଓବାଦୀ ମାନେ ବ୍ୟବସାୟୀ ମାନଙ୍କୁ ଧମକ ଚମକ ଦେଇ କୋଟୀ କୋଟୀ ଟଙ୍କା ଆଦାୟ କରୁଥିବା ଖବର ପୁରାତନ ଏସପି ମାନେ ବାହାର କରିଥିଲେ । ପୂର୍ବତନ ଏସପି ହିମାଂଶୁଲାଲଙ୍କ ସମୟରେ ମାଓବାଦୀ ମାନଙ୍କ ଠାରୁ ପୁଳା ପୁଳା ଟଙ୍କା ଜବତ ଓ ସେମାନଙ୍କ ସ୍ୱିକାରୋକ୍ତି ସେ ସମୟରେ ବହୁ ଗୁଢ଼ ରହସ୍ୟ ଓ ବ୍ୟବସାୟୀ ମାନଙ୍କ ଭୟକୁ ପଦାକୁ ଆଣିଥିଲା । ତେବେ ନିକଟରେ ଏହି ପିଏଲଏଫଆଇ ମାନେ ଧିରେ ଧିରେ ରାଉରକେଲା ଭିତରକୁ ଯେ, ପ୍ରବେଶ କଲେଣି ତାହା ସେମାନଙ୍କ ନାମରେ ଚାନ୍ଦା ଆଦାୟରୁ କିଛିଟା ସୁରାକ୍ ମିଳିଛି । ତେବେ ଆଜି ରଘୁନାଥପାଲ୍ଲୀ ପୁଲିସ କହିଛି ଜଣେ କ୍ରସର ବ୍ୟବସାୟୀଙ୍କୁ ବେନାମୀ କଲ୍ କରି ତାଙ୍କ ଠାରୁ ୧୦ ଲକ୍ଷ ଆଦାୟ ଲାଗି ଚେଷ୍ଟା କରୁଥିବା ବେଳେ ପୁଲିସ ଏହି ଅଭିଯୋଗରେ ଚେତନ ଜୟପୁରୀୟା ଓ ଶୁଶିଲ ସମାର ନାମକ ନାମକ ୨ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ସେମାନଙ୍କ ଠାରୁ ଏକ ବନ୍ଧୁକ, ଗୋଟିଏ ମାଗାଜିନ, ଦୁଇଟି ଜୀବନ୍ତ ଗୁଳି ଓ ଗୋଟିଏ ମୋବାଇଲ ଜବତ କରାଯାଇଛି । ତେବେ ଏମାନେ ରାଉରକେଲା ପୁଲିସ ଜିଲ୍ଲା ଅଂଚଳର । ହେଲେ ଏମାନଙ୍କର ପିଏଲଏଫଆଇ ସଂଗଠନ ସହ କିଭଳି ସମ୍ପର୍କ ରହିଛି, କେତେଦିନ ହେଲା ରହିଛି ସେମାନେ ଆଗରୁ ଏଭଳି କେତେ ଚାନ୍ଦା ଆଦାୟ କେଉଁସବୁ ଯାଗାରୁ କରିଛନ୍ତି, ସେନେଇ ପୁଲିସ କୌଣସି ସୂଚନା ଦେଇନାହିଁ । ଖାଲି ସେତିକି ନୁହେଁ ସେମାନଙ୍କ ଠାରୁ ଜବତ ପିସ୍ତଲ, ମାଗାଜିନ୍, ଗୁଳି ଆଦି ସେମାନେ କେଉଁଠାରୁ ଆଣିଲେ ତାହା ମଧ୍ୟ ପୁଲିସ କହିନାହିଁ। ତେବେ ଏଥିରେ ଯେହେତୁ ପିଏଲଏଫଆଇର ସମ୍ପୃକ୍ତି ରହୁଛି ସେ ଦିଗରୁ ପୁଲିସର ଦାୟିତ୍ୱ ଓ ଘଟଣାର ଗୁରୁତ୍ୱ ବହୁ ଅଧିକ ବୋଲି କୁହାଯାଇଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on Facebook.com/Mps, Baripada








## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍, ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦ୍ୟୋଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦ୍ୟୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।



# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମ୍ୟୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।



# ମୋ ଗାଁ

## ଲୋକଙ୍କ ମୁହଁରେ ମାସ୍କ ଦେଖିବାକୁ ମିଳିଲା, ଅନେକ ମାନୁନାହାଁନ୍ତି

ରାଉରକେଲା, ରାଜ୍ୟରେ କରୋନାର ପ୍ରକୋପ ବଢିବା ଦେଖି ଗତକାଲି ମୁଖ୍ୟମନ୍ତ୍ରୀ ଶାସନ ବ୍ୟବସ୍ଥାକୁ ବିଭିନ୍ନ ପରାମର୍ଶ ଦେବାପରେ ଆଜି ରାଉରକେଲାରେ ଲୋକଙ୍କ ମୁହଁରେ ମାସ୍କ ଦେଖିବାକୁ ମିଳିଛି, କିନ୍ତୁ ଏହି ମାସ୍କ ନାକ ତଳେ ରହିଲା, ଶାସନ ବ୍ୟବସ୍ଥାରେ ଥିବା ଅଧିକାରୀ ମାନେ ଆଜି ଅନେକ ଦିନ ପରେ ବାହାରକୁ ଆସିଥିବା ଦେଖା ଯାଇଥିବା ବେଳେ ମିଡିଆ ଆଗରେ ଏମାନଙ୍କ ଗାଡି ପଛରେ ଥିବା ଦୃଶ୍ୟ ଜାଣିବା ଶୁଣିବା ମହଲରେ ବେଶ ଚର୍ଚ୍ଚାର ବିଷୟ ହୋଇଛି, ହେଲେ ସବୁଠୁ ବଡ କଥା ହେଲା ସରକାର ଲୋକ ସମ୍ପର୍କ ବିଭାଗକୁ ପ୍ରଚାର ପ୍ରସାର ଲାଗି ଗତକାଲି କହିଥିବା ବେଳେ ଏହି ବିଭାଗକୁ ଆଜି ସହରର ଚଳଚଂଚଳ ଅଂଚଳରେ ଦେଖିବାକୁ ମିଳିନାହିଁ । ସୁନ୍ଦରଗଡ ଜିଲ୍ଲାରେ କରୋନାର ପ୍ରଭାବ ରାଜ୍ୟର କରୋନା ଗ୍ରାଫରେ ଆଗକୁ ରହୁଥିବା ବେଳେ ଗତକାଲି ମୁଖ୍ୟମନ୍ତ୍ରୀ ଓ ପୁଲିସ ଡିଜିଙ୍କ ଆଦେଶ ସହରରେ କିଛିଟା ପ୍ରଭାବ ପକାଇଥିବା ଦେଖାଯାଇଛି । ଆଜି ରାଉରକେଲା ଛେଣ୍ଡକଲୋନୀ ବଜାରର ପାଖରେ ଥିବା ମାଛ ବଜାରରେ ପ୍ରବଳ ଭିଡ଼ ଥିବା ବେଳେ ସେଠାରେ ସାମାଜିକ ଦୂରତା ନଥିଲା ଓ ମାସ୍କ ଗୁଡିକ ପ୍ରାୟ ନାକ ତଳେ ରହିଥିବା ଦେଖା ଯାଇଥିଲା । ଏତିକି ବେଳେ ରାଉରକେଲା ଏଡିଏମଙ୍କ ଗାଡି ସେହି ଅଂଚଳରେ ପହଁଚିବା ସହ ନିଜେ ଏଡିଏମ ଗାଡିରୁ ଓହ୍ଲାଇ ବେପାରୀ ମାନଙ୍କୁ ତାଗିଦ୍ କରୁଥିବାର ଦେଖାଯାଇଥିଲା, ହେଲେ ତାଙ୍କ ଗାଡି ଚାଲିଜିବା ପରେ ପୁଣି ଯେଉଁ ଅବସ୍ଥାକୁ ସେହି ଅବସ୍ଥା ଦେଖା ଯାଇଥିଲା । ଆଜି ସାପ୍ତାହିକ ବଜାର, ନିୟମିତ ବଜାର ଓ ରାସ୍ତା ଘାଟରେ ଥିବା ଲୋକଙ୍କୁ ପ୍ରାୟ ମାସ୍କ ପିନ୍ଧିଥିବାର ଦେଖାଯାଇଥିବା ବେଳେ ଅନେକଙ୍କ ମାସ୍କ ନାକ ତଳେ ଥିବାର ଦେଖାଯାଇଛି । ଅନେକ ଆଦୌ ମାସ୍କ ପିନ୍ଧିନଥିବା ମଧ୍ୟ ଦେଖାଯାଇଛି । ତେବେ ଆଜି ପୁଲିସ ପକ୍ଷରୁ ବିଭିନ୍ନ ଛକରେ ଏହା ଉପରେ ତିକ୍ଷଣ ଦୃଷ୍ଟି ରଖା ଯାଇଥିବା ବେଳେ କେତେକ ଯାଗାରେ ପୁଲିସ କେବଳ ପରିବା ବଜାରରେ ମିଡିଆ ସମ୍ମୁଖରେ ନିଜ ଡ୍ୟୁଟି କିଛି କ୍ଷଣକ ଲାଗି କରିଥିବା ଆଲୋଚନାର ବିଷୟ ହୋଇଛି । ଅନ୍ୟ ପକ୍ଷରେ ପ୍ରଶାସନିକ ଅଧିକାରୀ ମାନେ ପହଁଚିବା ଓ ତାଙ୍କ ପଛରେ ମିଡିଆ ପହଁଚିବାକୁ ନେଇ ସାଧାରଣରେ ଏଭଳି ଡ୍ୟୁଟିକୁ ନାନା ଆଲୋଚାନା କରାଯାଇ ବାସ୍ତବରେ ଡ୍ୟୁଟି ହେବା ଦରକାର ମିଡିଆ ଆଗର ଦେଖାବା ଭଳି ନୁହେଁ ବୋଲି କୁହାଯାଉଛି । ରାଉରକେଲା ସହରର ଏକ ମଦଦୋକାନ ପାଖରେ ଗତକାଲି ନାଇଟ କର୍ଫ୍ୟୁ ଜାରୀ ହେବା ସତ୍ୱେ କିଛି ମଦୁଆ ମନମାନି କରିବାରୁ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ତେବେ କରୋନା ସମ୍ପର୍କରେ ସଚେତନତା ଲାଗି ରାଜ୍ୟ କୋକସମ୍ପର୍କ ବିଭାଗ ମୁଖ୍ୟ ଭୂମିକା ନେବ ବୋଲି ସରକାର ଗତକାଲି କହିଥିବା ବେଳେ ରାଉରକେଲାରେ ତାହା ଦେଖା ଯାଇନି ।

## ପଶ୍ଚିମବଙ୍ଗ – ରିକ୍ସା ଚାଳକ ଘରେ ଅମିତ ଶାହା କଲେ ଭୋଜନ :୨୦୦ ରୁ ଅଧିକ ସିଟ୍ ଜିତିବା ପାଇଁ କଲେ ଦାବି

କଲିକତା: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଏପ୍ରିଲ ୧୦ରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ମତଦାନ ପାଇଁ ପ୍ରଚାର କରିବାକୁ ଆସିଥିବା କେନ୍ଦ୍ର ଗୃହ ମନ୍ତ୍ରୀ ଅମତି ଶାହା ଆଜି ହାଓଡ଼ା ଜିଲ୍ଲାର ଜଣେ ରିକ୍ସା ଚାଳକ ଘରେ ଭୋଜନ କରିଛନ୍ତି । ସେ ରାଜ୍ୟରେ ୨୦୦ ରୁ ଅଧିକ ଆସନ ଜିତି ସରକାର ଗଠନ କରିବାକୁ ଦାବି କରିଛନ୍ତି । ଏହା ପୂର୍ବରୁ ସେ ସିଂଗୁର ଏବଂ ହାଓଡ଼ାରେ ରୋଡ଼ ଶୋ କରିଥିଲେ । ବୁଧବାର ରିକ୍ସା ଚାଳକ ଘରେ ମଧ୍ୟାହ୍ନ ଭୋଜନ ପରେ ଗଣମାଧ୍ୟମରେ ପୁଣି ଥରେ ଦାବି କରିଛନ୍ତି ଯେ, ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ଦୁଇ ଶହରୁ ଅଧିକ ଆସନ ଜିତି ସରକାର ଗଠନ କରିବ । ସେ କହିଛନ୍ତି ଯେ, ତୃତୀୟ ପର୍ଯ୍ୟାୟ ଭୋଟରେ ଭାଜପା ୯୧ ସିଟ ମଧ୍ୟରୁ ୬୮ ସିଟ୍ ରେ ଜିତିବ । କେନ୍ଦ୍ର ଗୃହ ମନ୍ତ୍ରୀ ସିଂଗୁରରେ ରୋଡ଼ ଶୋ କରିବା ପରେ ହାଓଡ଼ାର ଡୋମଜୁର ରେ ମଧ୍ୟ ରୋଡ଼ ଶୋ କରିଥିଲେ । ଶାହା କହିଥିଲେ ଯେ, ତୃତୀୟ ପର୍ଯ୍ୟାୟ ଉତଦାନ ପରେ ଭାଜାପାର ଆକଳନ ଯେ ସେମାନେ ଟିଏମସି, କଂଗ୍ରେସ ଏବଂ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଠାରୁ ଆଗରେ ଅଛନ୍ତି । ସେ କହିଛନ୍ତି ଯେ, ମୁଁ ହାଓଡ଼ାରେ ବିଜେପି ପ୍ରାର୍ଥୀ ରାଜୀବ ବାନାର୍ଜୀଙ୍କ ପାଇଁ ପ୍ରଚାର କରିବା ପାଇଁ ଆସିଛି । କାର୍ଯ୍ୟକର୍ତା ଏବଂ ଜନସମର୍ଥକ ମାନଙ୍କ ଉତ୍ସାହକୁ ଦେଖି ସେ କହିଛନ୍ତି ଯେ, ରାଜୀବ ଏଠାରେ ବହୁମତ ସହିତ ପଦ୍ମ ଫୁଟାଇବେ । ସେ ହାଓଡ଼ାରେ ଟିଏମସି ଛାଡ଼ି ଭାଜପାରେ ମିଶିଥିବା ପୂର୍ବତନ ମନ୍ତ୍ରୀ ରାଜୀବ ବାନାର୍ଜୀଙ୍କ ପାଇଁ ରୋଡ଼ ଶୋ କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସିଧାସଳଖ ଟାର୍ଗେଟ କରି କହିଛନ୍ତି ଯେ, ତାଙ୍କ ଆଚରଣ ହତାସ ମନୋଭାବ ଦର୍ଶାଉଛି । ମମତା ବାନାର୍ଜୀଙ୍କ ହତାଶା ତାଙ୍କ ଭାଷଣ ଏବଂ ବ୍ୟବହାରରୁ ଜଣାପଡୁଛି । ତାଙ୍କ ହତାଶା ଜଣାପଡୁଛି ଯେ, ବିଜେପି ନିର୍ବାଚନ ଜିତୁଛି । ପଶ୍ଚିମବଙ୍ଗର ଜନତା ସୋନାର ବଙ୍ଗଳା ସ୍ଲୋଗାନରେ ନିଜର ବିଶ୍ୱାସ ରଖୁଛନ୍ତି । ବେଙ୍ଗଲରେ ବିଜେପି ଦୁଇ ଶହର ଲକ୍ଷ୍ୟ ଅତିକ୍ରମ କରିବ ବୋଲି ସେ କହିଛନ୍ତି ।

## ବିନା ସୂଚନା ଫଳକରେ ଚାଲିଛି ଅମୃତିଆ ନଖୁଆ ପୋଖରୀ ଆଡି କାମ ଓ ଗଛ କଟା

କୋରେଇ: କୋରାଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଂଚାୟତର ଅମୃତିଆ ନଖୁଆ ପୋଖରୀ ଅନାବଶ୍ୟକ ଭାବେ ଖୋଳାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏନେଇ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇବା ପରେ ଏହାର ତଦନ୍ତ କରି ତ୍ୱରୀତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବିଡିଓଙ୍କୁ ପିଡି ଜଣାଇଛନ୍ତି । ପ୍ରକାଶଯେ ଅମୃତିଆ ଗ୍ରାମରେ ଥିବା ନଖୁଆ ପୋଖରୀ ପୂର୍ବରୁ ଖୋଳାଯାଇଛି । ଏହି ପୋଖରୀ ଉପରେ ବର୍ତମାନ ୫ଟି ୱାର୍ଡର ଅଧିବାସୀ ନିର୍ଭର କରୁଛନ୍ତି । କୋରାଇ ବ୍ଲକର ବିଭିନ୍ନ ପଂଚାୟତ ଓ ଗ୍ରାମରେ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି । ସେଥିମଧ୍ୟରୁ ଅମୃତିଆ ମଧ୍ୟ ଅନ୍ୟତମ । ବର୍ତମାନ ଜଳ ସଙ୍କଟ ସମୟରେ ଶୌଚ ଠୁ ଆରମ୍ଭ କରି ଗାଧୋଇବା ଓ ରୋଷେଇ ପର୍ଯ୍ୟନ୍ତ ସବୁ କିଛି ନଖୁଆ ପୋଖରୀ ପାଣି ଉପରେ ନିର୍ଭର କରୁଛି । ଏହି ପୋଖରୀକୁ ମଧ୍ୟ ପଂଚାୟତ ନିଲାମ କରିଛି । ହେଲେ ବର୍ତମାନ ଏହି ପୋଖରୀ ଆଡିକୁ ମେସିନ ଯୋଗେ ଖୋଳାଯିବା ଯୋଗୁ ପାଣି ଦୂଷିତ ହେବା ସହ ଆନାବଶ୍ୟକ ଭାବେ ଖୋଳାଯାଲିଛି । ଏମିତିକି ଆଡିରେ ଥିବା ଗଛକୁ ମଧ୍ୟ କଟା ଚାଲିଛି । ଜଳ ସଙ୍କଟ ସମୟରେ ପାଣିକୁ ଦୂଷିତ କରିବା ଯୋଗୁ ଗ୍ରାମବାସୀ ଚଳାଚଳ ବାଧାପ୍ରାପ୍ତ ହେଉଛି । ଏମିତିକି ଏହି କାର୍ଯ୍ୟ ବିନା ସୂଚନା ଫଳକରେ ଚାଲୁଅଛି । ଯାହା ଦ୍ୱାରା କିଏ କାହିଁକି କାମ କରୁଛି ତାହା ଗ୍ରାମବାସୀମାନେ ଜାଣି ପାରୁନାହାନ୍ତି । ଅନାବଶ୍ୟକଭାବେ ଆଡି ତଡାଯିବା ଦ୍ୱାରା ଜନସାଧାରଣଙ୍କ ଅସୁବିଧା ହେଉଛି ।

## ଥାନାରେ ମିଥ୍ୟା ମାମଲାକୁ ନେଇ ପୋଲିସର ନିର୍ଯାତନା : ଡ଼ିଆଇଜିଙ୍କୁ ଭେଟିଲେ ବାବୁଲା

ଗଞ୍ଜାମ: ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ପିତଳ ଗ୍ରାମର ବାବୁଲା ନାୟକ କରଡ଼ାକଣା ଗ୍ରାମରେ ଘରଭଡ଼ା ନେଇ ଆଲୁମିନିୟମ କଂସା ସାମଗ୍ରୀ ବ୍ୟବସାୟ କରନ୍ତି । ସେ ଗାଁକୁ ଗାଁ ବୁଲି କଂସା ସାମଗ୍ରୀ ବ୍ୟବସାୟ କରନ୍ତି । ହିଞ୍ଜିଳିକାଟୁ ଥାନା ଅଧିନ ସନ୍ତୋଷପୁର ଗ୍ରାମର ଜଣେ ହୋଲସେଲ୍ ବ୍ୟବସାୟୀଙ୍କ ଠାରୁ ସାମଗ୍ରୀ କିଣିଥାନ୍ତି । ପରେ ସେ ଅଧିକ ଦର କହିବାରୁ ବାବୁଲା ଅନ୍ୟ ଜଣେ ବ୍ୟବସାୟୀଙ୍କ ନିକଟରୁ ସାମଗ୍ରୀ କିଣୁଥିଲେ । ଏଥିରେ ପୁରୁଣା ହୋଲେସେଲ୍ ବ୍ୟବସାୟୀ ଜଣକ ପ୍ରତିଶୋଧ ପରାୟଣ ହୋଇ ଟଙ୍କା ବାକି ଥିବା ନେଇ ହିଞ୍ଜିଳିକାଟୁ ଥାନାରେ ମିଥ୍ୟା ମାମଲା ରୁଜୁ କରିଥିଲେ ବୋଲି ବାବୁଲା କହିଛନ୍ତି । ମିଥ୍ୟା ଅଭିଯୋଗକୁ ଭିତି କରି ଗତ ସେପ୍ଟେମ୍ବର ୨୫ ତାରିଖ ରାତିରେ ହିଞ୍ଜିଳିକାଟୁ ପୋଲିସ ତାଙ୍କୁ ଥାନାକୁ ନେଇଥିଲା । ରାତିସାରା ଥାନାରେ ରଖିବା ପରେ ତା ପରଦିନ ସକାଳେ ଛାଡିଥିଲା । ଏଭଳି ଅନ୍ୟାୟ ବିରୁଦ୍ଧରେ ବାବୁଲା ଗଞ୍ଜାମ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗତ ମାର୍ଚ୍ଚ ମାସ ୨୧ ତାରିଖରେ ହଠାତ୍ ହିଞ୍ଜିଳିକାଟୁ ଥାନାର ଜଣେ ସବଇନ୍ସପେକ୍ଟର ରାତିରେ ବାବୁଲାଙ୍କ ଘରକୁ ଯାଇ ତାଙ୍କୁ ଥାନାକୁ ଉଠାଇ ନେଇଥିଲେ । ଏସପିଙ୍କ ନିକଟରେ ଅଭିଯୋଗ କରିବା ଘଟଣାକୁ ନେଇ ସେ ତାଙ୍କୁ ନିସ୍ଠୁକ ମାଡ଼ ମାରିଥିଲେ ବୋଲି ବାବୁଲା ଅଭିଯୋଗ କରିଛନ୍ତି । ଏହା ପରଦିନ ତାଙ୍କୁ ପୋଲିସ ଛାଡି ଦେଇଥିଲା । ମାର୍ଚ୍ଚ ୨୩ ତାରିଖରେ ପୋଲିସ ତାଙ୍କୁ ପୁଣି ଥରେ ଉଠାଇ ନେବା ସହ ଠକେଇ ମାମଲାରେ କୋର୍ଟଚାଲାଣ କରିଥିଲା । ଗତ ୨୬ ତାରିଖରେ ସେ ଜାମିନ୍ ରେ ଆସିଥିଲେ । ସେହି ହୋଲସେଲ୍ ବ୍ୟବସାୟୀଙ୍କ ପ୍ରରୋଚନାରେ ପଡି ପୋଲିସ ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରି ଏଭଳି ହଇରାଣ କରୁଥିବା ବାବୁଲା ଡିଆଇଜିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି ।

## ପତ୍ରପୁର ପଂଚାୟତରେ ସରକାରୀ ରିଲିଫ ବଂଟନରେ ଅନିୟମିତତା ଅଭିଯୋଗ



କେନ୍ଦ୍ରାପଡା, (ପିଏନ)- ଆଜି ବ୍ଲକ ଅନ୍ତର୍ଗତ ପତ୍ରପୁର ଗ୍ରାମପଂଚାୟତର ବନ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନେ ଆଜି ବିଜେପି ନେତା ତଥା ଆଇନଜୀବି ନେହେରୁ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ହେଉଛି ଯେ ଚଳିତବର୍ଷ ପ୍ରଳୟଙ୍କରୀ ବନ୍ୟା ଓ ପ୍ରବଳ ବର୍ଷା ବିପ୍ଯାତ ଯୋଗୁଁ ଦୁର୍ବିସହରେ ପଡି ଯନ୍ତ୍ରଣା ଜନିତ ଜୀବନ ବିତାଉଥିବା ବେଳେ ସରକାରୀ ରିଲିଫ ଓ ଆର୍ଥିକ ସହାୟତରୁ ସେମାନଙ୍କୁ ବଂଚିତ କରାଯାଇଛି । ପତ୍ରପୁର ପଂଚାୟତର ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ଜି.ଆର.ଏସ.ମିଳିତ ଭାବେ ସେମାନଙ୍କୁ ଅଣଦେଖା କରି ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ କରିଛନ୍ତି । ସେମାନେ ପଂଚାୟତ ଠାରୁ ଆରମ୍ଭକରି ଆଳି ବ୍ଲକର ବିଡିଓଙ୍କୁ ମଧ୍ୟ ଏସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେବି ସେମାନଙ୍କୁ ରିଲିଫ ପ୍ରଦାନ କରାଯାଇନାହିଁ । ଏଣୁ ଏହି ଅଭିଯୋଗର ତଦନ୍ତ କରାଯାଇ ସେମାନଙ୍କୁ ରିଲିଫ ଯୋଗାଇଦେବାକୁ କ୍ଷତିଗ୍ରସ୍ତମାନଙ୍କ ପକ୍ଷରୁ ସୁନିଲ କୁମାର ରାଉତ, ହରିହର ମହାରଣା, ହିମାଂଶୁ ଶେଖର ପରିଡା,ରତ୍ନାକର ବେହେରା, ସୁରେଶ ରାଉତ, ଭାଗବତ ପରିଡା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି ।

## କରୋନା, ଯକ୍ଷ୍ମା ଏବଂ ଶିଶୁରୋଗ ରୋକିବା ପାଇଁ ୧୨୮ କୋଟି ମଂଜୁର : ମଙ୍ଗଳ ପାଣ୍ଡେ

ପାଟନା: ବିହାରର ସ୍ୱାସ୍ଥ୍ୟ ମନ୍ତ୍ରୀ ମଙ୍ଗଳ ପାଣ୍ଡେ ବୁଧବାର ଦିନ କହିଛନ୍ତି କି, ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା, ଯକ୍ଷ୍ମା ଏବଂ କୋଭିଡ଼-୧୯ କୁ ରୋକିବା ପାଇଁ ଆବଶ୍ୟକ ଔଷଧ ଏବଂ ଉପକରଣ ପାଇଁ ବିଭାଗ ପକ୍ଷରୁ ୧୨୮ କୋଟି ଟଙ୍କା ମଂଜୁର କରିଛନ୍ତି । ଏହି ରାଶି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କେନ୍ଦ୍ରୀୟ ସାହାଯ୍ୟ ଅଟେ । ସ୍ୱାସ୍ଥ୍ୟ ମନ୍ତ୍ରୀ ମଙ୍ଗଳ ପାଣ୍ଡେ ଏଠାରେ କହିଛନ୍ତି ଯେ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କୋଭିଡ଼-୧୯ ଜରୁରୀକାଳୀନ ସେବାପାଇଁ କେନ୍ଦ୍ରର ୩୩.୧୨ କୋଟି ଟଙ୍କା ସହାୟକ ଅନୁଦାନ ଏବଂ ଶିଶୁ ସ୍ୱାସ୍ଥ୍ୟ ରକ୍ଷା ଏବଂ ଟିବି ରୋଗ ରୋକିବା ଦିଗରେ ଔଷଧ କିଣିବା ପାଇଁ୯୪.୬୩ କୋଟି ଟଙ୍କା ରାଜ୍ୟ ସ୍ୱାସ୍ଥ୍ୟକମିଟି ପାଇଁ ଏହି ରାଶି ଉପଲବ୍ଧ କରାଯାଇଛି । କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ସାମଗ୍ରୀର କ୍ରୟ ପାଇଁ ବିହାର ମେଡ଼ିକାଲ ସର୍ଭସେସ ଏବଂ ଭିତିଭୂମି ନିଗମକୁ ୮୦ କୋଟି ଟଙ୍କା ଦିଆଯାଇଛି । ମଙ୍ଗଳ ପାଣ୍ଡେ କହିଛନ୍ତି ଯେ, ଶିଶୁ ସ୍ୱାସ୍ଥ୍ୟ ଏବଂ ଟିବି କୁ ହରାଇବା ପାଇଁ ରାଜ୍ୟ ସରକାର ଗୁରୁତର ପଦକ୍ଷେପ ନେଉଛନ୍ତି । ଶିଶୁ ମୃତ୍ୟୁହାର ବର୍ଷକୁ ବର୍ଷ ହ୍ରାସ ପାଉଛି । ଏହା ବାଦ୍ ନବଜାତ ଶିଶୁ ଶୁନ୍ ରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁର ମୃତ୍ୟୁହାର କମାଇବା ପାଇଁ ସରକାର ଚେଷ୍ଟା କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ରାଜ୍ୟରେ ଏକ ବଡ଼ ଧରଣର ଅଭିଯାନ ଚାଲିଛି । ଏଥିପାଇଁ କେନ୍ଦ୍ରରୁ ପ୍ରାପ୍ତ ଆନୁପାତିକ ରାଶି ବ୍ୟତୀତ ରାଜ୍ୟ ସରକାର ମଧ୍ୟ ଠିକ୍ ସମୟରେ ରାଜସ୍ୱ ପ୍ରଦାନ କରୁଛନ୍ତି । ସେ କହିଛନ୍ତି ଯେ, ଶିଶୁ ସ୍ୱାସ୍ଥ୍ୟ ପ୍ରତିରକ୍ଷା କାର୍ଯ୍ୟକ୍ରମ ଏବଂ ଯକ୍ଷ୍ମାକୁ ରୋକିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦:୪୦ ଆନୁପାତିକ ହାର ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, କରୋନା ମହାମାରୀକୁ ରୋକିବା ପାଇଁ ମାସ୍କ ପିନ୍ଧି ଯକ୍ଷ୍ମାକୁ ବହୁ ପରିମାଣରେ ରୋକାଯାଇପାରିବ । ଶିଶୁ ମୃତ୍ୟୁହାରକୁ ହ୍ରାସ କରିବା ପାଇଁ ପିଲାମାନଙ୍କୁ ଠିକ୍ ସମୟରେ ଟୀକାରଣ କରିବାକୁ ପାଣ୍ଡେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ରାଜ୍ୟର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁ ଟୀକା ମାଗଣାରେ ଉପଲବ୍ଧ ।

## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡ଼ିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍ଗୁଡ଼ିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା ‘ଟୋଟାଲ ହେଲ୍ଥ ସ୍କୋର’

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍ଜିଆଇଆଇ) ଏକ ଅନ୍ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, ‘ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡ଼ିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ସାରା ରାଜ୍ୟରେ ସି.ପି.ଆଇ.(ଏମ୍)ତରଫରୁ ବିକ୍ଷୋଭ ଏବଂ ଧାରଣା ପ୍ରଦର୍ଶନ

ଭୁବନେଶ୍ୱର: ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ଆହ୍ୱାନରେ ଆଜି ରାଜ୍ୟ ବ୍ୟାପି ବିଭିନ୍ନ ଜିଲ୍ଲାର ବିଦ୍ୟୁତ୍ ବିତରଣ ଅଫିସ୍ମାନଙ୍କ ସମ୍ମୁଖରେ ସି.ପି.ଆଇ.(ଏମ୍) ତରଫରୁ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ସି.ପି.ଆଇ.(ଏମ୍) ତରଫରୁ କୁହାଯାଇଛି ଯେ ଓଡିଶା ରାଜ୍ୟ ସରକାର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଟାଟା ପାୱାର ଭଳି ଘରୋଇ ସଂସ୍ଥା ହାତରେ ସଂପୂର୍ଣ୍ଣ ଭାବେ ଟେକି ଦେଇଛନ୍ତି ଏବଂ ଘରୋଇ ସଂସ୍ଥାର ମୁନାଫା ପାଇଁ ବିଦ୍ୟୁତ୍ ମୂଲ୍ୟକୁ ଓ.ଇ.ଆର୍.ସି. ଜରିଆରେ ବଢାଇ ଚାଲିଛନ୍ତି । ୪ ମାସ ତଳେ ବିଦ୍ୟୁତ୍ ୟୁନିଟ୍ ପିଛା ୨୦ ପଇସା ବଢିଥିଲା । ବର୍ତ୍ତମାନ ପୁଣି ୟୁନିଟ୍ ପିଛା ୩୦ ପଇସା ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି । କୋଭିଡ୍ ସମୟରେ ଜନଗଣଙ୍କ ଆୟ ହ୍ରାସ ପାଇଥିବା ବେଳେ ଏହି ମୂଲ୍ୟବୃଦ୍ଧି ରେ ଜନସାଧାରଣଙ୍କ ଜୀବନ ଜିବିକା ଜର୍ଜରିତ ହୋଇପଡିଛି । ରାଜ୍ୟ ସରକାର ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ନିଷ୍ପତ୍ତି ପ୍ରତ୍ୟାହାର କରିବା ନିମନ୍ତେ ଯଥାର୍ଥ ପଦକ୍ଷେପ ଗ୍ରହଣ କରିବା ପାଇଁ ସି.ପି.ଆଇ.(ଏମ୍) ଦାବି କରିଛି । ଓ.ଇ.ଆର୍.ସି. ନାମରେ ରାଜ୍ୟ ସରକାର ଜନଗଣଙ୍କ ପ୍ରତି ଥିବା ଦାୟିତ୍ୱରୁ ଓହରି ପାରିବେ ନାହିଁ । ସୁତରାଂ ଓଡିଶା ସରକାର ହିଁ ଏହି ବିଦ୍ୟୁତ୍ ଶୁଳ୍କ ମୂଲ୍ୟବୃଦ୍ଧି ପାଇଁ ଦାୟୀ ଏବଂ ସରକାରକୁ ହିଁ ଏହା ପ୍ରତ୍ୟାହାର କରିବାକୁ ପଡିବ । ନତୁବା ବିଦ୍ୟୁତ୍ ଶୁଳ୍କ ମୂଲ୍ୟବୃଦ୍ଧି ବିରୋଧରେ ରାଜ୍ୟବ୍ୟାପି ଆନ୍ଦୋଳନକୁ ଆହୁରି ତିବ୍ରତର କରାଯିବ ବୋଲି ସି.ପି.ଆଇ.(ଏମ୍) ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ କହିଛନ୍ତି । ଆଜି ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା ସମେତ ପୁରୀ, ଖୋର୍ଦ୍ଧା, ନୟାଗଡ, କେନ୍ଦ୍ରାପଡା , ଜଗତ୍ସିଂହପୁର, ଗଜପତି, ମାଲକାନଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କେଉଁଝର ଇତ୍ୟାଦି ଜିଲ୍ଲାର ବିଦ୍ୟୁତ୍ ବିତରଣ କମ୍ପାନୀ ଅଫିସ୍ ମାନଙ୍କ ସମ୍ମୁଖରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଜିକାର ଏହି ଆନ୍ଦୋଳନରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏବଂ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ କୁମାର ଦାସ, ସନ୍ତୋଷ ଦାସ, ବିଷ୍ଣୁ ମହାନ୍ତି, ଶିଶିର ହୁଇ, ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ , ନିର୍ମଳ ନାୟକ ଏବଂ ରାଜ୍ୟ କମିଟି ସଭ୍ୟ ପ୍ରମୋଦ ସାମଲ, ଲକ୍ଷ୍ମଣ ମୁଣ୍ଡା, ଯମେଶ୍ୱର ସାମନ୍ତରାୟ, ତାପସୀ ପ୍ରହରାଜ, ଯତୀନ୍ ମହାନ୍ତି, କୈଳାଶ ଷଡଙ୍ଗୀ, ଭୀମସେନ ସ୍ୱାଇଁ, ଅନନ୍ତ ମଙ୍ଗରାଜ, ଶରତ ବେହେରା, ବଦ୍ରି ନାରାୟଣ ଦାଶ, ଦିବ୍ୟସିଂହ ନାୟକ, ପ୍ରଦୀପ୍ତ ପଣ୍ଡା, ଦଣ୍ଡପାଣି ରଇତ ଗୟାଧର ଧଳ, ଲୋଭାକାନ୍ତ ସ୍ୱାଇଁ, ରବି ଗୋସ୍ୱାମୀ, ବିଜୟ ନାୟକ, ବିଶ୍ୱଜିତ୍ ଚାଟର୍ଜୀ, ବ୍ରଜ ମାଝୀ, ରାମଚନ୍ଦ୍ର ନାୟକ, ରାଜେଶ ଯାନୀ ଏବଂ ମିନା ପ୍ରଧାନ ପ୍ରମୁଖ ବିଭିନ୍ନ ସ୍ଥାନରେ ନେତୃତ୍ୱ ନେଇଥିଲେ । ଅତ୍ୟାବଶ୍ୟକ ସାମଗ୍ରୀର ଉତ୍କଟ ଦରବୃଦ୍ଧି, ପେଟ୍ରୋଲ, ଡିଜେଲ୍ ଏବଂ ଇନ୍ଧନ ଗ୍ୟାସର ଦରବୃଦ୍ଧିର ପ୍ରତିବାଦ କରି ୨୩ ଏପ୍ରିଲରେ ରାଜ୍ୟର ତହସିଲ, ବ୍ଲକ ଏବଂ ସହରାଞ୍ଚଳମାନଙ୍କରେ ଆଇନ ଅମାନ୍ୟ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ସି.ପି.ଆଇ.(ଏମ୍) ତରଫରୁ କୁହାଯାଇଛି ।

## ଗଞ୍ଜାମ ଜିଲ୍ଲାରେ କରୋନା ମୁକାବିଲା ପ୍ରସ୍ତୁତି : ୩୫ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୩୮ ଆଇସୋଲେସନ ଶଯ୍ୟା ବ୍ୟବସ୍ଥା

ଗଞ୍ଜାମ: ଗଞ୍ଜାମ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି କୋଭିଡ଼୍ ପଜେଟିଭଙ୍କୁ କେଉଁଠାରେ ଚିକିତ୍ସା କରାଯିବ ସେଥିପାଇଁ ଗଞ୍ଜାମ ଜିଲ୍ଲାପାଳ ଏସଓପି ଜାରୀ କରିଛନ୍ତି । ଜିଲ୍ଲାର ୩୫ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୩୩୮ଟି ଆଇସୋଲେସନ ବେଡ୍ ପ୍ରସ୍ତୁତ ହେବ । ଆଜି ସୁଦ୍ଧା ଏହି ଆଇସୋଲେସନ ବେଡ୍ ପ୍ରସ୍ତୁତି କରିବାକୁ ସମ୍ପୃକ୍ତ ମେଡ଼ିକାଲ କର୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଥିବା ୪ଟି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସିଟି ହସ୍ପିଟାଲ ଓ ବ୍ରହ୍ମପୁର ବଡ ମେଡ଼ିକାଲରେ ଆଇସୋଲେସନ ଶଯ୍ୟା ରହିବ । ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଜାରୀ କରିଥିବା ଏସଓପିରେ ଉଲ୍ଲେଖ ରହିଛି ଯେ, ଲକ୍ଷଣଯୁକ୍ତଙ୍କ ପ୍ରଥମେ କୋଭିଡ଼୍ ଟେଷ୍ଟ (ଆଂଟିଜେନ, ଆରଟି-ପିସିଆର) କରାଯିବ । ଯଦି ଆଇସୋଲେସନ ୱାର୍ଡ଼ରେ ଭର୍ତି କରାଯିବାର ଆବଶ୍ୟକତା ପଡେ, ତେବେ ନିକଟସ୍ଥ ଉପଖଣ୍ଡ ଓ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବ । ଲକ୍ଷଣ ବିହୀନ ଆକ୍ରାନ୍ତଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯିବ । ର୍ୟାପିଡ୍ ରେସ୍ପନ୍ସ ଟିମ୍ ଏହାର ତଦାରଖ କରିବେ । ଲକ୍ଷଣଯୁକ୍ତ ଓ ସ୍ପର୍ଶକାତର କରୋନା ପଜିଟିଭଙ୍କୁ ସ୍ଥାନୀୟ ମେଡ଼ିକାଲ ଅଫିସରଙ୍କ ପରାମର୍ଶ କ୍ରମେ କୋଭିଡ଼୍ କେୟାର ହେଲଥ ସେଂଟର କିମ୍ବା କୋଭିଡ଼୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯିବ । ଲକ୍ଷଣଯୁକ୍ତ ଗୁରୁତରଙ୍କୁ ସିଧାସଳଖ ବ୍ରହ୍ମପୁର ଏମକେସିଜି କୋଭିଡ଼୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯିବ । କରୋନା ପଜିଟିଭ୍ ରୋଗୀଙ୍କୁ କୋଭିଡ଼୍ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତରିତ କରାଯିବ । କୋଭିଡ଼୍ ଆମ୍ବୁଲାନ୍ସ ଉପଲବ୍ଧ ନଥିଲେ, ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ରେଫର୍ ଲାଗି ବ୍ୟବହାର କରାଯିବ ।




# କେନ୍ଦୁଝରଠାରେ ଓଡିଶା ପୁଲିସର ୮୬ତମ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ପୁଲିସ ରିଜର୍ଭ ପଡିଆଠାରେ ଓଡିଶା ପୁଲିସର ୮୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। କର୍ତ୍ତବ୍ୟ ସମ୍ପାଦନା ସମୟରେ ଶହୀଦ ହୋଇଥିବା ପୁଲିସ ଓ କର୍ମଚାରୀମାନଙ୍କ ପ୍ରତି ଶ୍ରଦ୍ଧାଳି ଅର୍ପଣ କରି ଓଡିଶାର ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ସନ୍ଦେଶ ପଠନ କରିଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ର ପୁଲିସ କର୍ମଚାରୀମାନେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ ଶାଂି ଶୃଙ୍ଖଳା ରକ୍ଷା ଦିଗରେ କେନ୍ଦୁଝର ପୁଲିସର ଦାୟିତ୍ୱବୋଧକୁ ନେଇ ସଂୋଷ ପ୍ରକାଶ କରିବା ସହ ନୀତି ଓ ଆଦର୍ଶ ମନୋଭାବ ନେଇ ସମସ୍ତ କର୍ମଚାରୀ ସକ୍ରିୟ ଭାବେ କାର୍ଯ୍ୟ ସମ୍ପାଦନକୁ ଧ୍ୟେୟ କରିବା ଅପରିହାର୍ଯ୍ୟ ବୋଲି ସେ ମତପୋଷଣ କରିଥିଲେ। ଏକ ପ୍ରଗତିଶୀଳ,ଗଣତାନ୍ତ୍ରିକ ସମାଜରେ ପୁଲିସ ଏକ ଗୁରୁତ୍ୱପୂର୍ଣ୍ଣ ସଂଗଠନ। ଆଇନର ଶାସନ ସହିତ ଏକ ସୁସ୍ଥ ସମାଜ ଗଠନ ଦିଗରେ ପୁଲିସର ବିଶେଷ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ବିମଳ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ୟାରେଡକୁ ସର୍ଜେ ରାକେଶ ସ୍ୱାଇଁ ପରିଚାଳନା କରିଥିବାବେଳେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହାପାତ୍ର ଅଭିବାଦନ ଗ୍ରହଣ କରିଥିଲେ। ଓଡିଶା ପୁଲିସର ୮୬ତମ ପ୍ରତିଷ୍ଠା ଦିବସ ପାଳିତ ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ଘଷିପୁରା ଥାନାର ମନୋରଂଜନ ବିଶି,ଏ.ଏସ.ଆଇ ସ୍ତରରେ ରୁଗୁଡି ଥାନାର ତ୍ରିନାଥ ନାଏକ,ଓ.ଏ.ପି.ଏଫ୍ କନେଷ୍ଟବଳ ସ୍ତରରେ ରଜତ୍ କୁମାର ନାଏକ,ଟ୍ରାଫିକ କନେଷ୍ଟବଳ ସ୍ତରରେ ଟାଉନ ଟ୍ରାଫିକ ଆଉଟ ପୋଷ୍ଟର ପ୍ରଶାଂ କୁମାର ବାରିକ,ଏଫ.ଓ. ସ୍ତରରେ ରିଜର୍ଭ ପୁଲିସ କାର୍ଯ୍ୟାଳୟର ମଧୁସୁଦନ ନାଏକ,କିରାଣୀ ସ୍ତରରେ ଜିଲା ପୁଲିସ କାର୍ଯ୍ୟାଳୟର ରିତ କୁମାର ଖାଟୁଆ,ଓଆର କନେଷ୍ଟବଳ ସ୍ତରରେ ମେଡିକାଲ ଫାଣ୍ଡିର ସତ୍ୟଜିତ୍ ନାଏକ,ଏ.ପି.ଆର୍ କନେଷ୍ଟବଳ ସ୍ତରରେ ସଶସ୍ତ୍ର ବାହିନୀର ଶରତ ଚନ୍ଦ୍ର ମହାନ୍ତ, ହାବିଲଦାର ସ୍ତରରେ ସଶସ୍ତ୍ର ବାହିନୀର ଜୟଦେବ ନାଏକ,ହାବିଲଦାର ସ୍ତରରେ ଓଡିଶା ରାଜ୍ୟ ସଶସ୍ତ୍ର ୨ୟ ସ୍ୱତନ୍ତ୍ର ସୁରକ୍ଷା ବାହିନୀର ନିରଂଜନ ମହାନ୍ତି, ହାବିଲଦାର ମେଜର ସ୍ତରରେ ଓଡିଶା ରାଜ୍ୟ ୨ୟ ସ୍ୱତନ୍ତ୍ର ସୁରକ୍ଷା ବାହିନୀର ଲମ୍ବୋଦର ନାଏକ,ଡେପୁଟି ସୁବେଦାର ସ୍ତରରେ ଓଡିଶା ରାଜ୍ୟ ସଶସ୍ତ୍ର ୨ୟ ସ୍ୱତନ୍ତ୍ର ସୁରକ୍ଷା ବାହିନୀର ନିରଜ କୁମାର ମିଙ୍କୁ ତାଙ୍କର କର୍ତ୍ତବ୍ୟ ନିଷ୍ଠା ଅବଦାନ ନିମନ୍ତେ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ଦେହୁରୀ, ଡିଏସ୍‌ପି ହେଡକ୍ୱାର୍ଟର ସୁବୋଧ କୁମାର ମଲ୍ଲିକ, ସଦର ଏସ୍‌ଡିପିଓ ପ୍ରକାଶ ଜେମ୍‌ସ ଟପୋ, ଡିଏସ୍‌ପି ଡିଆଇବି ଇନ୍ଦୁରେଖା ପଶ୍ଚିମ କବାଟ,୨ୟ ସ୍ୱତନ୍ତ୍ର ସୁରକ୍ଷା ବାହିନୀର ଦୁର୍ଗପତି ନୃସିଂହ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ଲାଜମା ଦାନ କରିଥିବା ୬ଜଣ ପୁଲିସ କର୍ମଚାରୀଙ୍କୁ ଆରକ୍ଷୀ ଅଧିକ୍ଷକ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରିଥିଲେ।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଗଣ୍ଡଗୋଳ, ୪ ଗିରଫ

କେନ୍ଦୁଝର (ପିଏନ୍): ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଲେବର ପେମେଣ୍ଟ ଦେବା ପାଇଁ କହି ଧମକଚମକ ଦେଇ ଜୋରଜବରଦସ୍ତ ୪ଟି ସେଲ୍ଫ ଚେକ୍ ନେବା ଘଟଣାରେ ସଦର ପୋଲିସ ଶନିବାର ଦିନ ୪ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଗତ ମାର୍ଚ୍ଚ ୩୧ ତାରିଖ ଦିନ ଲେବର ପେମେଣ୍ଟ ନାମରେ ଏଜେନ୍ସିର ସଂପାଦକ ଉତ୍କଳ ଦାସଙ୍କୁ ଧମକଚମକ ଦେଇ ଭୟଭୀତ କରାଇ ପ୍ରହଲ୍ଲାଦ ବାରିକ,ବାବୁଲି ପଲେଇ,ଲକ୍ଷ୍ମଣ ବାରିକ ଓ ବିଜୟ ମହାରଣା ୪ଟି ଚେକରେ ନିଜ ନିଜ ନାମରେ ମୋଟ ୩୦ ଲକ୍ଷ ଟଙ୍କାର ସେଲ୍ଫ ଚେକ୍ ନେଇଥିଲେ। ଦୁଇ ଦିନ ତଳେ ଶ୍ରମିକଙ୍କ ମଜୁରୀ ବାବଦରେ ଅର୍ଥ ପୈଠ ହୋଇ ସାରିଥିବାବେଳେ ବେର ପେମେଣ୍ଟ ପାଇଁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଲୋଡିଂ ଏଜେନ୍ସିର ସଂପାଦକ ଉତ୍କଳ ଦାସ ଏପ୍ରିଲ ୧ ତାରିଖ ଦିନ ସଦର ଥାନାରେ ଲିଖିତ ଭାବେ ଏତଲା ଦେଇଥିଲେ। ସଦର ପୋଲିସ କେଶ ନଂ ୧୨୫ରେ ମାମଲା ରୁଜୁ କରି ଦଫା ୩୪୧, ୩୮୬, ୨୯୪, ୩୪ ଆଇପିସିରେ ୪ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୧୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡିଛି। ଏହି ଘଟଣାରେ ସଦର ପୋଲିସ ଶନିବାର ଦିନ ବାବୁଲି ପଲେଇ, ପ୍ରହଲ୍ଲାଦ ବାରିକ, ରିତ ବାରିକ ଓ ଲଛମନ ବାରିକ ନାମକ ୪ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବାବେଳେ ସେମାନଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଗତ ୫ ମାସ ହେବ ଲୋଡିଂ ଏଜେନ୍ସିର ଅର୍ଥ ବେଆଇନ ଭାବେ ଖର୍ଚ୍ଚ ହେଉଥିବା ଅଭିଯୋଗ ହୋଇଛି। ସମବାୟ ବିଭାଗ ପକ୍ଷରୁ ଏହାର ତଦାରଖ ପାଇଁ ଜଣେ ଆଡମିନିଷ୍ଟ୍ରେଟର ନିଯୁକ୍ତ ହୋଇଥିଲେ ମଧ୍ୟ ସେ ଏଥିପ୍ରତି ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ଶୁଆକାଟୀସ୍ଥିତ ପାଟେଶ୍ୱର ମହାବିଦ୍ୟାଳୟର ଜଣେ କର୍ମଚାରୀ ମଧ୍ୟ ଶୁଆକାଟୀ ଲୋଡିଂ ଏଜେନ୍ସିରେ କ୍ୟାସିୟର ଭାବେ କାମ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ୨ଟି ସ୍ଥାନରେ କିପରି କାମ କରୁଛନ୍ତି ତାହାର ତଦନ୍ତ କରିବାକୁ ଡିଆରସିଏସ୍‌ଙ୍କ ନିକଟରେ ଦାବୀ ହେବା ସହ ଗତ ୫ ମାସରେ ଆୟବ୍ୟୟର ସ୍ୱତନ୍ତ୍ର ଅଡିଟ ସମବାୟ ବିଭାଗ ଦ୍ୱାରା କରାଯାଇ ଅନିୟମିତତାର ପର୍ଦ୍ଦାଫାସ ସହ ଆର୍ଥିକ ଅନିୟମିତତା କରିଥିବା ଲୋକଙ୍କ ବିରୁଦ୍ଧରେ ପଦକ୍ଷେପ ନେବାକୁ ଦାବୀ ହୋଇଛି।

# ସରକାରୀବାବୁଙ୍କ ଅବହେଳାରୁ କାର୍ଡ ଥାଇ ମଧ୍ୟ ଅସହାୟ ବୃଦ୍ଧ ଦମ୍ପତିଙ୍କୁ ମିଳୁନି ରାସନ୍



ଆନନ୍ଦପୁର (ପିଏନ୍): ରାଜ୍ୟ ତଥା କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ସୀମାରେଖା ତଳେ ଥିବା ପରିବାରକୁ ସାମିଲ କରି ପ୍ରତ୍ୟେକ ସଦସ୍ୟଙ୍କ ପିଛା ୫କିଲୋ ଚାଉଳ କିମ୍ବା ଗହମ ଯୋଗାଇ ଆସୁଛନ୍ତି। ଏହି ଯୋଜନା ଗରିବ ଲୋକଙ୍କ ପାଖରେ କେତେଦୂର କାର୍ଯ୍ୟକାରୀ ହେଉଛି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଘଷିପୁରା ବ୍ଲକ ଆଳତି ପଂଚାୟତ ଅନ୍ତର୍ଗତ ପଦନପୁର ଗ୍ରାମର ବୃଦ୍ଧ ଦମ୍ପତି ବାବନ ଖଟୁଆ, ହେମ ଖଟୁଆ। ଏମାନଙ୍କ ନିକଟରେ ରାସନ କାର୍ଡ ଥାଇ ମଧ୍ୟ ଦୀର୍ଘ ୭ବର୍ଷ ହେଲା ରାସନ୍ ସାମଗ୍ରୀ ପାଇପାରୁନାହାନ୍ତି। ପଂଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ବି ତାଙ୍କ ଅଭିଯୋଗକୁ କେହି ଶୁଣୁ ନଥିବା ଅଭିଯୋଗ ହୋଇଛି। ବୃଦ୍ଧ ଦମ୍ପତି ଏବେ ବୟସର ଅପରାହ୍ନରେ ମୂଲ ମଜୁରୀ ଲାଗିଲେ ପରିବାର ଚଳେ। ଜମିବାଡି ବୋଲି କେବଳ ଘରଡିହ ଖଣ୍ଡିକ ଅଛି। ପଂଚାୟତ ରାସନ୍ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କହିବା ଅନୁସାରେ ତାଲିକାରେ ତାଙ୍କ ନମ୍ବର କିମ୍ବା ନାମ ନଥିବାରୁ ସାମଗ୍ରୀ ଦେଇହେଉନାହିଁ। ଉଭୟ ପତିପତ୍ନୀ ଏଥିନେଇ ଖୋଦ୍ ଘଷିପୁରା ବିଡିଓଙ୍କୁ ଦେଖାକରି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଡିଓ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଥିରେ କିଛି ଅଗ୍ରଗତି ହୋଇନାହିଁ। ସରକାରୀବାବୁଙ୍କ ଅବହେଳାରୁ ୭ବର୍ଷ ହେଲା ଖାଦ୍ୟ ସୁରକ୍ଷା ଯୋଜନାରୁ ଏମାନେ ବଂଚିତ ଅଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପ୍ରଧାନଶିକ୍ଷକଙ୍କୁ ଶିକ୍ଷାରତ୍ନ ସମ୍ମାନ-୨୦୨୧

କେନ୍ଦୁଝର (ପିଏନ୍): ୮୬ତମ ଉତ୍କଳ ଦିବସ ଉପଲକ୍ଷେ ତା-୦୧.୦୪.୨୧ରିଖ ଦିନ ଅବସରପ୍ରାପ୍ତ ଶିକ୍ଷକ ସଂଗଠନ ପଳାଶପଙ୍ଗା, ସଦର ବ୍ଲକ, କେନ୍ଦୁଝର ଗୁରୁକୁଳରେ ଆୟୋଜିତ ହୋଇଥିବା ଗୁରୁକୁଳ ସମ୍ମାନ -୨୦୨୧ରେ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ସାହୁଙ୍କୁ 'ଶିକ୍ଷାରତ୍ନ-୨୦୨୧' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ପୂର୍ଣ୍ଣଚନ୍ଦ୍ର ଅମାତ (ବି.ଇ.ଓ.) ଅନୁପସ୍ଥିତ ଥିବାରୁ କାହ୍ନୁଚରଣ ମହାନ୍ତ (ପୂର୍ବତନ ଏସ.ଆଇ.) ତଥା ମୁଖ୍ୟବକ୍ତା ମଦନମୋହନ ଦ୍ୱିବେଦୀ, ସଭାପତି ଜନାର୍ଦ୍ଦନ ନାଏକ, ମୁଖ୍ୟ ପୃଷ୍ଠପୋଷକ ମନମୋହନ ସିଂ ପ୍ରମୁଖ ଶ୍ରୀଯୁକ୍ତ ସାହୁଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ। ଶ୍ରୀଯୁକ୍ତ ସାହୁ ଜଣେ ଆଦର୍ଶ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ ଭାବେ କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା, ନିଷ୍ଠା ତ୍ୟାଗ, ସେବା ସହିତ ଅବସର ସମୟରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ ଦେବା, କବିତା, ଗଳ୍ପ, ପ୍ରବନ୍ଧ ଲେଖାଲେଖିରେ ସମୟ ଦେଉଥିବାରୁ ଶିକ୍ଷକ ସମାଜକୁ ଗୌରବାନ୍ୱିତ କରିଛନ୍ତି। ଏହି ସମ୍ମାନରେ ସମ୍ମାନୀତ ହେବା ପରେ ଶ୍ରୀ ସାହୁ ତାଙ୍କ ପିତାମାତାଙ୍କୁ ଏହି ସମ୍ମାନର ଶ୍ରେୟ ଦେଇଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି।

# ରାଜକିଶୋରଙ୍କୁ ବାଣିଭୂଷଣ ଉପାଧି



ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସରେଇଁ ଗ୍ରାମର ଯୁବ ପ୍ରତିଭା ତଥା ଆଗଧାଡିର ଯୁବ ପାଲା ଗାୟକ ରାଜକିଶୋର ସାମଲଙ୍କୁ ବାଣୀଭୂଷଣ ଉପାଧି ପ୍ରଦାନ କରାଯାଇଛି। ହରିଚନ୍ଦନରପୁର ବ୍ଲକ ଓସ୍ତପଙ୍ଗା ପାଲା ମଣ୍ଡପ ଠାରେ ଆୟୋଜିତ ସାଂସ୍କୃତିକ ପ୍ରଗତି ଟ୍ରଷ୍ଟ ବାର୍ଷିକ ଉତ୍ସବରେ ରାଜକିଶୋରଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି। ରାଜକିଶୋର ପେଷାରେ ସୁକିନ୍ଦା ମହାବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ। କିନ୍ତୁ ପାଲା ଗାୟନ ପ୍ରତି ଆକୃଷ୍ଟ ହୋଇ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

# ମଛାଲୋ କଂଗ୍ରେସ କମିଟି ଗଠିତ



ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ମଛାଲୋ ପଂଚାୟତରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂଗଠନିକ ଆଲୋଚନା ପରେ ନୂତନ କମିଟି ଗଠନ କରାଯାଇଛି। ଘଷିପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ କୁମାର ଚକ୍ରଙ୍କ ସଭାପତିତ୍ୱରେ ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରତିକାନ୍ତ ବରାଳ, ବରିଷ୍ଠ ନେତା ତ୍ରିଲୋଚନ ପରିଡା, ଯୁବନେତା ତାରିଣୀ ପ୍ରସାଦ ପଟ୍ଟନାୟକ, ଅଶୋକ ଜେନା ପ୍ରମୁଖ ଦଳୀୟ ସଂଗଠନକୁ କିଭଳି ମଜଭୁତ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପଂଚାୟତ କମିଟି ଗଠନ କରାଯାଇଥିଲା। ସଭାପତି ଆନନ୍ଦ ବାରିକ, ଉପସଭାପତି ପ୍ରଶାନ୍ତ ଜେନା, ସାଧାରଣ ସମ୍ପାଦକ ଅମିତ କୁମାର ଜେନା, ସମ୍ପାଦକ ନିତ୍ୟାନନ୍ଦ ପାତ୍ରୀ, କୋଷାଧ୍ୟକ୍ଷ ଦୁଃଶାସନ ଖିରାଲ, ଯୁବ କଂଗ୍ରେସ ସଭାପତି ଲିପୁନ କୁମାର ଜେନା, ଉପସଭାପତି ଗୋପୀନାଥ ଜେନା ପ୍ରମୁଖ ମନୋନୀତ ହୋଇଥିଲେ। ହରିହର ନାୟକ, ଗୋବିନ୍ଦ ଜେନାଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଶେଷରେ ବରିଷ୍ଠ ନେତା ହରିହର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁଣ୍ଟା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ



ଘଟଗାଁ (ପିଏନ୍): ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଆଜକୁ ୧୯ବର୍ଷ ହେଲାଣି ଏହି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି। ଉକ୍ତ ନାମଯଜ୍ଞରେ ସଂକଳ୍ପ ଭାବେ ଗ୍ରାମର ମୁରବୀ ନିରାକାର ପଲେଇ ବସିଥିବା ବେଳେ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୁଳମଣି ପଲେଇ, ନିର୍ମଳ ପଲେଇ, ଧ୍ରୁବ ଚରଣ ପଲେଇ, କହ୍ନେଇ ପଲେଇ, ରମେଶ ପଲେଇ, ଅଜୟ ଶତପଥି, ପ୍ରହ୍ଲାଦ ପଲେଇ, ଚରଣ ନାଏକ, ଚଗଲା ନାଏକଙ୍କ ସହ ଯୁବଗୋଷ୍ଠୀ ରଣଜିତ ପଲେଇ, ବିଜୟ ପଲେଇ, ପ୍ରଦ୍ୟୁମ୍ନ ପଲେଇ, ରାହାସ ପଲେଇ, ଶାନ୍ତନୁ ପଲେଇ, ରବି ନାରାୟଣ, ନଳିନୀକାନ୍ତ, ବିଭୁ ଚକ୍ର ପ୍ରମୁଖ ସହଯୋଗ କରିଥିଲେ। ନାମଯଜ୍ଞ ଅଧିବାସ ଦିନ ବିଜେଡି ଯୁବନେତା ରାଜା ଚକ୍ର ପରୋକ୍ଷରେ ଯୋଗଦାନ କରି ଗୌରାଙ୍ଗ ମହାପ୍ରଭୁଙ୍କ ଆଶିର୍ବାଦ ଲାଭ କରିବା ସହ ଶେଷ ଦିନରେ ବିଧାୟକ ବଦ୍ରୀ ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ର ଯୋଗଦାନ କରି ଆଶିର୍ବାଦ ଲାଭ କରିଥିଲେ।

# ନେଲୁଙ୍ଗ ରାଧାକୃଷ୍ଣ ମନ୍ଦିରରେ ଦୋଳ ଉତ୍ସବ ପାଳିତ

କେନ୍ଦୁଝର (ପିଏନ୍): କୋରନା କଟକଣା ମଧ୍ୟରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ନେଲୁଙ୍ଗଠାରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଅଷ୍ଟ ପ୍ରହର ନାମଯଜ୍ଞରେ ଝାଡବେଲଦା ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ଜଡିଚାତର ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ନେଲୁଙ୍ଗ ନାଏକ ସାହି ଓ ମଝି ସାହି ସଂକୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏଥିରେ ପୂଜକ ଭାବେ ଅଶୋକ କୁମାର ତ୍ରିପାଠୀ, ଯଜ୍ଞର ପୁରୋଧା ଭାବେ ମାନସ ଚୌଧୁରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଖପାଖ ଗ୍ରାମମାନଙ୍କରୁ ବହୁ ଭଗବତ ପ୍ରେମୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷ ଦିନରେ ହୋଲି ଉତ୍ସବ ଦିନ ସାମାଜିକ ବ୍ୟବଧାନ ପୂର୍ବକ ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା। ଏହି ଧର୍ମ ସଭାରେ ମନ୍ଦିର ପରିଚାଳନା ପରିଷଦର ସଭାପତି ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା ଅଧ୍ୟକ୍ଷତା କରିଥିଲେ। ଏଥିରେ ଗ୍ରାମର ଅନ୍ୟତମ ବରିଷ୍ଠ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ରଣା, ଦାମୋଦର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଝାଡବେଲଦା ଗ୍ରାମର ମହିଳା ପ୍ରତିଷ୍ଠାତା ସଂକୀର୍ତ୍ତନର ଉତ୍ସର୍ଗୀକୃତ ସେବା ପାଇଁ ବରିଷ୍ଠ ସଦସ୍ୟ ଆଦିକନ୍ଦ ସିଂଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା। ପ୍ରତ୍ୟେକ ଦଳରୁ ୪ଜଣ ଲେଖାଏଁ ମନୋନୀତ ସଦସ୍ୟ ଯଥା ବାଦ୍ୟ, ନୃତ୍ୟ, ସଙ୍ଗୀତ ଇତ୍ୟାଦିରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଥିବା ସଦସ୍ୟ ଓ ସଦସ୍ୟା ମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶଂସାପତ୍ର ସଭାପତିଙ୍କ ଦ୍ୱାରା ଅର୍ପଣ କରାଯାଇଥିଲା। ନେଲୁଙ୍ଗ ନାଏକ ସାହିର ସତ୍ୟାନନ୍ଦ ନାଏକ, ମଝି ସାହିର ଶ୍ରୀକାନ୍ତ ନାଏକଙ୍କ ଆଜୀବନ ସଂକୀର୍ତ୍ତନ ଓ ନିରବଚ୍ଛିନ୍ନ ସେବା ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ମଳୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ବାଲେଶ୍ୱର ବିଜୟୀ

ଆନନ୍ଦପୁର(ପିଏନ୍): ଆନନ୍ଦପୁର ଷ୍ଟାଡିୟମ୍ ଠାରେ ତୃତୀୟ ବାର୍ଷିକ କୁଶ ପଟ୍ଟନାୟକ ମେମୋରିଆଲ ଫ୍ଲଡ୍ ଲାଇଟ୍ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅପ୍ରେଲ ୩ ତାରିଖ ଶନିବାର ତୃତୀୟ ମ୍ୟାଚ୍ ବାଲେଶ୍ୱର ମିଶନ ଟାଇଗର ଓ ଜଟଣି ଫ୍ରେଣ୍ଡସ୍ ପାରାଡାଇଜ୍ ବ୍ଲକ ମଧ୍ୟରେ ସନ୍ଧ୍ୟା ୬.୩୦ମିନିଟ୍‌ରେ ଖେଳ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ମିଶନ ଟାଇଗର ସୁନ୍ଦର ଖେଳ ପ୍ରଦର୍ଶନ କରି ପ୍ରଥମାର୍ଦ୍ଧ ୩ଟି ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ ଦେଇ ୪-୦ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଛି। ଖେଳକୁ ରେଫରୀ ଭାବେ ଜ୍ୟୋତିରଂଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଲାଇନ୍‌ରେ ବିଜୟ ହେମ୍ବ୍ରମ, ଜିତେନ୍ଦ୍ର କୁମାର ବାରିକ, ଉତ୍ତମ ବାରିକ ଓ ଅକ୍ଷୟ ହେମ୍ବ୍ରମ ସହଯୋଗ କରିଥିଲେ। ସୁରେଶ ଜେନା ଓ ମଦନ ପାଣି ଧାରାବିବରଣୀ ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ ଓ ମନୋରଂଜନ ପଟ୍ଟନାୟକ ଯୋଗ ଦେଇ ଖେଳାଳୀ ମାନଙ୍କ ସହ କରମର୍ଦ୍ଦନ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଫୁଟବଲ ଖେଳାଳୀ ବିନୋଦ ମିଶ୍ର, ଗଗନ ସିଂ, ନିରାକାର ଦଳେଇ, ରମେଶ ସିଂ, ଅକ୍ଷୟ ମହାନ୍ତି, ନିଲୁ ମହାନ୍ତି, ଅଶୋକ ରାଉଳ, ଆଦିକନ୍ଦ ମହାକୁଡ, ନିକୁଂଜ ବିହାରୀ ମିଶ୍ର, ଅଖିଳ ପଟ୍ଟନାୟକ, ସୁଦର୍ଶନ ରଣା, ମୁରଲୀଧର ମିଶ୍ର, ଦୁଲାଲ ଦାସ, ପ୍ରଦୀପ ହଜାରୀ ପ୍ରମୁଖ ପରିଚାଳନା କରିଥିଲେ।

# ୬ ସିଆରସିସିଙ୍କ କାର୍ଯ୍ୟକାଳ ଶେଷ, ୬୦ ବିଦ୍ୟାଳୟ ହତାଦର

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅଧିନରେ କାର୍ଯ୍ୟ କରୁଥିବା ୬ଜଣ ସିଆରସିସିଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇ ଥିବାରୁ ଶିକ୍ଷା ବ୍ୟବସ୍ଥା ତଦାରଖରେ ବିଶେଷ ଅଭାବ ପରିଲକ୍ଷିତ ହେବାର ଆଶଙ୍କା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁସାରେ ଘଷିପୁରା ବ୍ଲକର ୬ଜଣ ସିଆରସିସିଙ୍କ ୫ବର୍ଷ ପୁରଯାଇ ଥିବାରୁ ସେମାନେ ନିଜ ନିଜର ବିଦ୍ୟାଳୟକୁ ଫେରିଯିବାର ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨୦୨୦ ମସିହା ଅକ୍ଟୋବର ମାସରେ ଏହି ସିଆରସିସିମାନେ ନିଜ ମୂଳ ପଦବୀରେ ପଦୋନ୍ନତି ପାଇବା ପରେ ମଧ୍ୟ ଦୁଇ ଦୁଇଟି ଦାୟୀତ୍ୱରେ ରହିବା ଅତ୍ୟନ୍ତ ପରିତାପର ବିଷୟ। ପଦୋନ୍ନତି ପାଇବା ପରେ ସିଆରସିସି ଦାୟୀତ୍ୱ ହସ୍ତାନ୍ତର କରିବା ପରିବର୍ତ୍ତେ ବିଦ୍ୟାଳୟକୁ ଶିକ୍ଷକ ଭାବେ ଫେରି ନଥିବାରୁ ପ୍ରାଥମିକ ଶିକ୍ଷାରେ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ଦେଓଗାଁ ସିଆରସିସି ହାଡିବନ୍ଧୁ ଓଝା ଗତ ୨୦୨୦ ମସିହା ନଭେମ୍ବର ମାସରେ ଓ ବିରାଙ୍ଗ ସିଆରସିସି ସୁକାଂ ମଲ୍ଲିକ ଚଳିତ ବର୍ଷ ଫେବୃୟାରୀ ମାସରେ ମୃତ୍ୟୁବରଣ କରିଥିଲେ ମଧ୍ୟ ସେହି ସ୍ଥାନରେ କୌଣସି ସିଆରସିସିଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଘଷିପୁରା ବ୍ଲକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଦିର୍ଘଦିନ ହେବ ଅବ୍ୟବସ୍ଥା ଯୋଗୁଁ ପରିଚାଳନାଗତ ତ୍ରୁଟି ଓ କେତେକ ଶିକ୍ଷକଙ୍କ ମନମାନୀ ଲାଗି ରହିଥିବାରୁ ବ୍ଲକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଣୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

# ଇମାମବଡାର ଯୁଥ୍ ବ୍ଲଡ କନେକ୍ଟ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇମାମବଡାର କ୍ୟୁରେସି ମହଲା ସ୍ଥିତ କ୍ଲବ ଟାଉନ ପରିସରରେ "ଯୁଥ୍ ବ୍ଲଡ କନେକ୍ଟ ଅରଗାନାଇଜେସନ" ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ କେଜିଏନ କମିଟି ସଭାପତି ସେକ ସାବିର ହୋସେନ ଓ ଜିଲ୍ଲା ବିଜେଡି ସଂଖ୍ୟାଲାଘୁ ସେଲର ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ) ଅତିଥି ଭାବେ ଯୋଗଦେଇ ମିଳିତ ଭାବେ ଉଦ୍‌ଘାଟନ କରିବା ସହ ରକ୍ତଦାନ ଏକ ମହତ ଦାନ ବୋଲି ବକ୍ତବ୍ୟ ରଖିଥିଲେ। ସମାଜରେ ରକ୍ତଦାନ ଭଳି ଆଉ କିଛି ମହତ କାର୍ଯ୍ୟ ନାହିଁ। ତେଣୁ ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ରକ୍ତଦାନ ତଥା ଜୀବନ ଦାନ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ରକ୍ତଦାନ ଶିବିରରେ ସେକ ରସନ, ମୁନାବାବୁ, ଏମଡି ଆସିଫ ଅନୱାର, ସୟଦ ମୁମତାଜ ଅଲ୍ଲୀ, ସେକ କବିରୁଦ୍ଦିନ, ରାଜାବାବୁ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ୮୬ତମ ଉତ୍କଳ ଦିବସ ପାଳିତ

ଯୋଡା (ପିଏନ୍): ଉତ୍କଳ ଦିବସ ଅବସରରେ କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କ ସମେତ ପୌରପାଳିକାର ଅନ୍ୟକର୍ମଚାରୀ ମାନେ ଉପସ୍ଥିତ ରହି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିହାସ ଓ ଏଥିପାଇଁ ତ୍ୟାଗ ଏବଂ ବଳିଦାନ ଦେଇଥିବା ଓଡିଶାର ବରପୁତ୍ରମାନଙ୍କ ଏହି ଅବସରରେ ସ୍ମୃତିଚାରଣ କରାଯାଇଥିଲା। ସେହିପରି ପ୍ରତିବର୍ଷ ଉତ୍କଳ ଦିବସ ସମାରୋହ କମିଟି ପକ୍ଷରୁ ଏକ ସଭାର ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ଏହାକୁ ସ୍ଥଗିତ ରଖାଯାଇଛି। କୋଭିଡ ନିୟମକୁ ପାଳନ କରି ଯୋଡାରେ ୮୫ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅଧିନରେ ଥିବା ବିଭିନ୍ନ ଛକ ସ୍ଥାନମାନଙ୍କରେ ଗୁରୁବାର ଉତ୍କଳର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କଳାପାହାଡ ଛକଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ସହିତ ସହର ପରିକ୍ରମା କରାଯାଇ ପ୍ରଥମେ ସହିଦ ନଗରଠାରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିଥିବା ପରେ ଧରଣୀଧର ଛକ ନିକଟରେ ଥିବା କେନ୍ଦୁଝର ମାଟିର ଅନ୍ୟତମ ଯୋଗ୍ୟ ସନ୍ତାନ ବୀର ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେଠାରୁ ଯୋଡା ବସ୍‌ଷ୍ଟାଣ୍ଡଠାରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପ୍ରତିଷ୍ଠାର ମୁଖ୍ୟ ବିଧାଣୀ ଉତ୍କଳମଣୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିର ପୂଜା ଅର୍ଚ୍ଚନା ପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## କ୍ଲିନ୍ ପକ୍ଷରୁ ଜନସଚେତନତା ସୃଷ୍ଟି ଏବଂ ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶନ ଶୀର୍ଷକ କର୍ମଶାଳା



ଭୁବନେଶ୍ୱର : କ୍ଲିନ୍ ପକ୍ଷରୁ ବିକେନ୍ଦ୍ରୀକରଣଜ ରିନ୍ୟୁଏବୁଲ୍ ଶକ୍ତି ଉଦ୍ୟୋକ୍ତା ମାନଙ୍କ ପାଇଁ ଜନସଚେତନତା ସୃଷ୍ଟି ଓ ଉତ୍ପନ୍ନ ଦ୍ରବ୍ୟ ପ୍ରଦର୍ଶନ ଶୀର୍ଷକ କର୍ମଶାଳା ଇସ୍କନ୍ ମନ୍ଦିର ନିକଟସ୍ଥ ହୋଟେଲ୍ ପ୍ରେସିଡେନ୍ସିର ସମ୍ମିଳନୀ କକ୍ଷ ଖାରବେଳ ଦରବାରରେ ଆଜି ଗୁରୁବାର ଦିବା ୧୦ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, କ୍ଲିନ୍ ହେଉଛି ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଯାହାକି ଡିସେନ୍ଟ୍ରାଲାଇଜ୍ ରିନ୍ୟୁଏବୁଲ୍ ଏଲର୍ଜି ଉପରେ ଭାରତରେ କାର୍ଯ୍ୟ କରୁଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଗ୍ରାମୀଣ ଓ ଅନୁନ୍ନତ ଅଂଚଳରେ କିପରି ସୁଲଭ ମୂଲ୍ୟରେ ଠିକ୍ ଭାବେ ସ୍ୱଚ୍ଛ ଓ ନିର୍ମଳ ଏନର୍ଜି ଯୋଗାଇବା ଯାହାକି ଉପରୋକ୍ତ ଅଂଚଳର ସାମାଜିକ, ପରିବେଶିକ ଓ ଆର୍ଥିକ ଉନ୍ନତିରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଉକ୍ତ କର୍ମଶାଳାରେ କ୍ଲିନ୍ର ବୋର୍ଡ ମେମ୍ବର ବିଜୟ ଭାସ୍କର ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ନିଜର ଷ୍ଟେକ୍ ହୋଲଡର୍ମାନଙ୍କୁ ଅବଗତ କରାଇଥିଲେ । ଏହାପରେ କ୍ଲିନ୍ ତରଫରୁ ଉତ୍ପାଦ ଦ୍ରବ୍ୟ ଉପରେ ଏକ ପାୱାର୍ ପଏନ୍ଟ ପ୍ରେଜେନ୍ଟେସନ୍ କରାଯାଇଥିଲା । କ୍ଲିନ୍ର ଉତ୍ପାଦ ଦ୍ରବ୍ୟର ଟେକ୍ନୋଲୋଜିକାଲ୍ ବିବରଣୀ ପ୍ରଦାନ କରାଯିବା ସହ ଉତ୍ପାଦଗୁଡିକର ପ୍ରଦର୍ଶନ କରାଯାଇଥିଲା । ଏତଦ୍ ବ୍ୟତୀତ ଡିଆର୍ଇର ଲାଟେଷ୍ଟ ପଲିସି ଓ ସ୍କିମ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯିବା ସହ ଷ୍ଟେକ୍ ହୋଲଡର୍ମାନଙ୍କ ପାଇଁ ଡିମାଣ୍ଡ ମ୍ୟାପିଙ୍ଗ୍ କରାଯାଇଥିଲା । ଏହି କର୍ମଶାଳାରେ କ୍ଲିନ୍ର ସମସ୍ତ ଷ୍ଟେକ୍ ହୋଲଡର୍ ,କୃଷି ଭିତିକ ଯନ୍ତ୍ରପାତି ଉତ୍ପାଦ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଲାଇଭ୍ ଷ୍ଟକ୍ ଫାର୍ମସ୍, ଆଗ୍ରୋ ଏବଂ ଫୁଡ୍ ପ୍ରୋସେସିଙ୍ଗ୍ ୟୁନିଟ୍ସ୍ ଓ କ୍ଲିନ୍ ମେମ୍ବରମାନେ ଯୋଗ ଦେଇଥିଲେ । ଏହି କର୍ମଶାଳାରୁ ଆହରଣ କରିଥିବା ଜ୍ଞାନ ଓ କୌଶଳକୁ ସେମାନେ ସେମାନଙ୍କର କର୍ମକ୍ଷେତ୍ରରେ ଉପଯୁକ୍ତ ବ୍ୟବହାର କରିପାରିବେ ବୋଲି ଆୟୋଜକ ଆଶା ପ୍ରକାଶ କରିଛନ୍ତି । କ୍ଲିନ୍ର ରାଜେଶ୍ୱର ଜୟସ୍ୱାଲ୍ ଓ ଡାଭିଡ୍ ଦୁରାନି ଦ୍ୱୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଶାଢୀ ଦ୍ୱାରା ବେକରେ ଫାଶୀ ଲଗାଇ ଆତ୍ମହତ୍ୟା

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ମନୋହରପୁର ଗ୍ରାମ ପଂଚାୟତ ପୁର ଗ୍ରାମର ପ୍ରଦୀପ ପେଣ୍ଡେଇଙ୍କ ସ୍ତ୍ରୀ ତପସ୍ୱିନୀ (୨୧) ପିନ୍ଧିଥିବା ଶାଢୀ ସାହାଯ୍ୟରେ ବେକରେ ଫାଶୀ ଲଗାଇ ମନୋହରପୁରରୁ ଚକ୍ରଧରପୁର ଯିବା ବାଟରେ କାଜୁ ଜଙ୍ଗଲ ନିକଟସ୍ଥ ଏକ ବରଗଛରେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ଖବର ପାଇ ପୋଲିସ୍ ଶବକୁ ଜବତ କରିବା ସହିତ ବ୍ୟବଛେଦ ପାଇଁ ଆନନ୍ଦପୁର ବ୍ୟବଛେଦ କେନ୍ଦ୍ରକୁ ପଠାଇଛି । ପ୍ରଦୀପ ପେଣ୍ଡେଇଙ୍କ ଶାଶୁ ଏହା ଆତ୍ମହତ୍ୟା ନୁହେଁ ତାକୁ ମାରି ଦିଆଯାଇଛି ବୋଲି ସନ୍ଦେହ କରି ହରିଚନ୍ଦନପୁର ଥାନାରେ ଅଭିଯୋଗ କରିଛନ୍ତି । ହରିଚନ୍ଦନପୁର ଥାନା ଅଧିକାରୀ ଶୁକଲ ଥେମିରିଆ ସାଇ□ପିକ୍ ଟିମ୍ ସହିତ ଏହାର ତଦନ୍ତ ଜାରି ରଖିଥିବା ବେଳେ ବ୍ୟବଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି ।

## କୁଶ ପଟ୍ଟନାୟକ ସ୍ମାରକୀ ଫୁଟବଲ୍, ଜଗା ୟୁନାଇଟେଡ୍ ବିଜେତା

ଆନନ୍ଦପୁର: ଆନନ୍ଦପୁରର ପୂର୍ବତନ ନଗରପାଳ ସ୍ୱର୍ଗତ କୁଶରନ ପଟ୍ଟନାୟକଙ୍କ ସ୍ମୃତିରେ ଆନନ୍ଦପୁର ଷ୍ଟାଡିୟମ୍ ଠାରେ ଚାଲିଥିବା କୁଶ ପଟ୍ଟନାୟକ ଫୁଟବଲ ଟୁର୍ଣ୍ଣାମେ□ ବୁଧବାର ଉଦ୍ଯାପିତ ହୋଇଯାଇଛି । କଟକ ଆଥ୍ଲେଟିକ ଆସୋସିଏସନ କୁ ୨-୦ ଗୋଲରେ ପରାସ୍ତ କରି ଭୁବନେଶ୍ୱର ୟୁନାଇଟେଡ୍ ବିଜେତା ହୋଇଛି । ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଜମିର ଓରାମ ଦୁଇଟି ଯାକ ଗୋଲି ଦେଇଥିଲେ । ଜ୍ୟୋତିପ୍ରକାଶ ସ୍ୱାଇଁ, ବିଜୟ ମାରାଣ୍ଡି, ଅକ୍ଷୟ ହେମ୍ବ୍ରମ, ରମା ବାରିକ ଖେଳ ପରିଚାଳନା କରିଥିବା ବେଳେ ମୁକେଶ ଜେନା ଧାରାବିବରଣୀ ପ୍ରଦାନ କରିଥିଲେ । ବିଜେତା ଦଳର ଗୋଲ ରକ୍ଷକ ମୁନା ନାୟକଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଓ ବରିଷ୍ଠ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଇନାଲରେ ଅନୁଷ୍ଠିତ ପ୍ରଦର୍ଶନୀ ମହିଳା ଫୁଟବଲ ମ୍ୟାଚରେ ଭୁବନେଶ୍ୱରର ନୀତା ଆମ୍ବାନୀ କ୍ଲବ ୧-୦ଗୋଲରେ କଟକର ମହିଳା ଆଥଲେଟିକ୍ ଆସୋସିଏସନ୍କୁ ପରାସ୍ତ କରିଥିଲା । ଆନନ୍ଦପୁର କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ମନୋରନ ପଟ୍ଟନାୟକ, ସମାଜସେବୀ ଶଶି ରନ ପଟ୍ଟନାୟକ, ପ୍ରଭାରଂଜନ ପଟ୍ଟନାୟକ, ମନ୍ଦିରଂଜନ ପଟ୍ଟନାୟକ, ସହସମ୍ପାଦକ ଅକ୍ଷୟ ମହାନ୍ତି, ସଦସ୍ୟ ନିରାକାର ଦଳେଇ, ନିକୁ ବିହାରୀ ମିଶ୍ର, ବିନୋଦ ମିଶ୍ର, ରମେଶ ସିଂହ, ମୁରଲୀଧର ମିଶ୍ର, ଗଗନ ସିଂହ, ମଦନ ପାଣି, ଦେବରନ ସାହୁ, ଅଶୋକ ରାଉଳ, ସୁଶାନ୍ତ ସାମଲ, ଦୁଲାଇ ଦାସ, ସୁଦର୍ଶନ ରଣା, ଅଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । କମିଟିର ସଂଗଠନ ସମ୍ପାଦକ ନବ ରନ ପଟ୍ଟନାୟକଙ୍କ ସଂଯୋଜନାରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି, କମିଟି ସଭାପତି ତଥା ବିଶିଷ୍ଟ ଶିଳ୍ପପତି ତାରା ରଂଜନ ପଟ୍ଟନାୟକ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚ୍ର ମୁଖ୍ୟ ଆକର୍ଷଣ ଥିଲେ ଅଭିନେତ୍ରୀ ଜିନା ସାମଲ ଓ ଅଭିନେତା ରୁଦ୍ର ପାଣିଗ୍ରାହୀ । ଏହି ଅବସରରେ ଆନନ୍ଦପୁର ଗଣମାଧ୍ୟମର ୧୫ଜଣ ପ୍ରତିନିଧି ଓଟିଭିର ଲୋକନାଥ ସିଂ, ସାମ୍ବାଦିକ ଶତ୍ରୁଘ୍ନ ସାହୁ, ଯୁବ ସାମ୍ବାଦିକ ନିର୍ମଳ ଚନ୍ଦ୍ର ରାଉଳ (ସର୍ବସାଧାରଣ), ଅଭିନ୍ନ ରଣା, ଲଲାଟେନ୍ଦୁ ଧୀର, ହରେକୃଷ୍ଣ ପାତ୍ର, କିରନ ପାଢିଙ୍କ ସହିତ ବରିଷ୍ଠ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପୁରସ୍କାର ଉତ୍ସବରେ ଚମ୍ପିୟାନ୍ ଦଳକୁ ୩୦ ହଜାର ଓ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।

## ବିଶିଷ୍ଟ ପରିବେଶବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକ

କେନ୍ଦୁଝର: କେନ୍ଦୁଝର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧନେଶ୍ୱର ଦାସଙ୍କର ଭୁବନେଶ୍ୱରଠାର ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳେକୁ ତାଙ୍କୁ ୭୧ ବର୍ଷ ହୋଇଥିଲ । ସେ ଜଣେ କ□ବ୍ୟନିଷ୍ଠ, ଆଦର୍ଶ, ଲୋକପ୍ରିୟ ଶିକ୍ଷକଭାବେ କେନ୍ଦୁଝର ସହର ଏବଂ ନରଣପୁର ରେ ପରିଚିତ ଥିଲେ । ହରିଚନ୍ଦନପୁର ବ୍ଲକ କାବେରୀପଶି ୟୁପି ସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ଅବସର ପରେ ନିଜର କର୍ମଭୂମି ନରଣପୁର ଅ□ଳରେ ଗରିବ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ଦେଉଥିଲେ । ସେ ଜଣେ ଆଦର୍ଶ ଶିକ୍ଷକ ସହ କବି, ଲେଖକ ଏବଂ ପରିବେଶବିତ୍ ଭାବେ ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ । ଶିକ୍ଷାଦାନ ସହ ଅବସର ପରେ ବିଭିନ୍ନ ବିଦ୍ୟାଳୟ ଏବଂ ଖାଲି ଥିବା ସ୍ଥାନରେ ବୃକ୍ଷରୋପଣ କରିବା ସହ ଅନ୍ୟମାନଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରି ଆସୁଥିଲେ । ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ନରଣପୁରସ୍ଥିତ ବାସଭବନରେ ସମାଜର ବିଭିନ୍ନ ବର୍ଗର ଲୋକ ତାଙ୍କର ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍ଗତି କାମନା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ପଦ୍ମାବତୀ ଦାସ, ୫ଝିଅ, ୩ଜ୍ୱାଇଁ, ପରିବାର ଲୋକ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ନରଣପୁର ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ସାନ ଝିଅ ଅଭିଲିପ୍ସା ଦାସ ମୁଖାଗ୍ନୀ ଦେଇଥିଲେ ।

## କୋଭିଡ୍ ଟୀକା ନଥିବାରୁ ଲୋକେ ଫେରିଲେ

ଆନନ୍ଦପୁର: ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ କୋଭିଡ୍ ଟୀକା ଶେଷ ହୋଇ ଯାଇଥିବାରୁ ଆଜି ଅନେକ ଲୋକ ଟୀକା ନପାଇ ଫେରିଛନ୍ତି । ଗତକାଲି ସମସ୍ତ ଟୀକା ଶେଷ ହୋଇଯାଇଥିବା ବେଳେ ଆଉ ଅଧିକ ଟୀକା ପହଂଚିପାରି ନଥିଲା । ଆଜି ସକାଳ ଠାରୁ ଉପଖଣ୍ଡର ବିଭିନ୍ନ ଅଂଚଳରୁ ଲୋକମାନେ ଟୀକା ନେବା ପାଇଁ ଧାଡିରେ ଠିଆ ହୋଇଥିଲେ । ଏପରିକି କେତେକ ବରିଷ୍ଠ ନାଗରିକ ଗାଡି ଭଡା କରି ମଧ୍ୟ ଆସିଥିବା ଦେଖିବାକୁ ମିଳିଥିଲା । ତେବେ ଟୀକା ନଥିବାରୁ ସମସ୍ତେ ନିରାଶ ହୋଇ ଫେରି ଯାଇଥିଲେ । ଆଜି ଅପରାହ୍ନରେ ଟୀକା ପହଂଚି ଥିବାରୁ ଆସନ୍ତାକାଲି ଠାରୁ ପୁଣି ଟୀକାକରଣ ଚାଲୁ ରହିବ ବୋଲି ଡାକ୍ତରଖାନା ସୂତ୍ରରୁ ପ୍ରକାଶ ।

## ବସ ଡ୍ରାଇଭରକୁ ମାଡ ମାରିବା ଘଟଣାରେ ଜଣେ ଗିରଫ

ଯୋଡା: ଯୋଡା ବସଷ୍ଟାଣ୍ଡରେ ଜନୈକ ଫଳ ବ୍ୟବସାୟୀ ବସରେ ମାଲଭଡାକୁ ନେଇ ଯୁକ୍ତିତର୍କ କରିବା ପରେ ବସ ଡ୍ରାଇଭରକୁ ମାଡ ମାରିବା ଘଟଣାରେ ଯୋଡା ଥାନା ପୋଲିସ ଉକ୍ତ ଫଳ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ଗତ ୪ ତାରିଖ ରବିବାର ଦିନ ଯୋଡା ରାଉରକେଲାରୁ ଫଳ ପେଟି ନେଇ ମହାଲକ୍ଷ୍ମୀ ବସ ବଡବିଲ ଆଣିଥିବା ବେଳେ ବଡବିଲରୁ ଗୁଲୁ ବସ ଡ୍ରାଇଭର ଭଡା ବାବଦକୁ ୭୦୦ ଟଙ୍କା ଦେଇ ମହାଲକ୍ଷ୍ମୀ ବସ ଠାରୁ ଫଳପେଟି ରିସିଭ କରି ଯୋଡାକୁ ଆଣିଥିଲା । ତେବେ ଫଳ ବ୍ୟବସାୟୀ ବସଭଡା ବାବଦକୁ ୭୦୦ଟଙ୍କା ବଦଳରେ ୬୦୦ ଟଙ୍କା ଦେବାରୁ ଯୁକ୍ତିତର୍କ ହୋଇଥିଲା । ବସଭଡା ବାବଦକୁ ସମ୍ପୂର୍ଣ୍ଣ ୭୦୦ ଟଙ୍କା ଦେବାକୁ ଡ୍ରାଇଭର କହିବାରୁ ଫଳ ବ୍ୟବସାୟୀ ଯୁକ୍ତିତର୍କ କରିବା ସହ ଡ୍ରାଇଭରକୁ ମାଡ ମାରିଥିଲା । ଗୁଲୁ ବସର ମାଲିକ ବିଶ୍ୱଜିତ ପୃଷ୍ଟି ଏନେଇ ଯୋଡା ଥାନାରେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭି□ କରି ଯୋଡା ଥାନା ପୋଲିସ ଫଳ ବ୍ୟବସାୟୀ ବିକି ସୋନକର(୨୧)କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଖବର ଯୋଡା ଥାନା ସୂତ୍ରରୁ ପ୍ରକାଶ ।

## କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି ମଙ୍ଗଳପୁର ପୁଲିସ, ଏସପିଙ୍କୁ ଭେଟିଲେ ପିଡିତ ପରିବାର

କୋରେଇ: ମରଣାନ୍ତକ ଆକ୍ରମଣ ଓ ଜୀବନରୁ ମାରିଦେବା ଭଳି ଘଟଣାରେ ପୁଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଥିବା ବେଳେ ଅଭିଯୁକ୍ତମାନେ ଦ୍ୱିତୀୟ ବାର ଆକ୍ରମଣ କରିଥିଲେ । ଏନଇ ପୁଣି ଅଭିଯୋଗ କରିବା ପରେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି । ଫଳରେ ଅଭିଯୁକ୍ତମାନେ ଖୁମଖୁଲା ବୁଲିବା ସହ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଛନ୍ତି । ଫଳରେ ନିଜ ଜୀବର ସୁରକ୍ଷା ଓ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଏସପିଙ୍କୁ ଭେଟିଛନ୍ତି ପିଡିତ ପରିବାର । ପ୍ରକାଶଯେ ମଙ୍ଗଳପୁର ଥାନା ତରପଦା ଗ୍ରାମର ବାମଦେବ ସାହୁଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଗତ ମାର୍ଚ୍ଚ ୯ ତାରିଖ ଦିନ ଘରେ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତରେ ଘରେ ଥିବା ବେଳେ ଖୋସାଲପୁର ଗ୍ରାମର ଲକ୍ଷ୍ମୀଧର ସାହୁ, ମାଣିଗୋଡିଆ ଗ୍ରାମର ତାପସ ଜେନା, ପତିରି ଗ୍ରାମର କମଳ ଲୋଚନ ଜେନା, ଡୋବାବିଲ ଗ୍ରାମର ବିଜୟ ଜେନା ଓ ଅନ୍ୟ କେତେକ ମିଶି ସେଠାରେ ପହଂଚି ଜମିବାଡି ମାମଲାକୁ କେନ୍ଦ୍ର କରି ଆସି ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହି ସମୟରେ କୃଷ୍ଣ ସାହୁ ଓ ତାପସ ଜେନା ଲକ୍ଷ୍ମୀପ୍ରୀୟାଙ୍କ ଚୁଟି ଧରି ଘୋଷାଡି ଆଣି ଉଲଗ୍ନ କରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ଶଶୁର ନଟବର ବାଧାଦେବାରୁ ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ନଟବର ଓ ଲକ୍ଷ୍ମୀପ୍ରୀୟା ଗୁରୁତର ଆହତ ହୋଇଥିଲେ । ଏବଂ ତାଙ୍କ ସ୍ୱାମୀ ବାମଦେବକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏନେଇ ମଙ୍ଗଳପୁର ଥାନାରେ ୯ ତାରିଖ ଅଭିଯୋଗ କରାଯାଇଥିବା ବେଳେ ପୁଲିସ କାହା ଚାପରେ ପଡି ମାମଲା ରୁଜୁ କରିନଥିଲେ । ପରେ ବାରମ୍ବାର ଦୌଡିବା ପରେ ପୁଲିସ ମାର୍ଚ୍ଚ ୧୭ ତାରିଖ ଏକ ମାମଲା ୧୩୭/୨୧ ରୁଜୁ କରିଥିଲା । ହେଲେ ମାମଲା ରୁଜୁ କରିଦେଇ ହାତବାନ୍ଧି ବସିଥିଲା । ଫଳରେ ଅଭିଯୁକ୍ତମାନେ ପୁଲିସର ସହାୟତା ପାଇବାରୁ ଗତ ଏପ୍ରିଲ ୪ ତାରିଖ ଘରେ ପୁରୁଷ ଲୋକମାନଙ୍କ ଅନୁପସ୍ଥିତିର ସୁଯୋଗନେଇ କୃଷ୍ଣ ସାହୁ, ମଙ୍ଗୁଳି ସାହୁ, କାଳିଆ ସାହୁ ଓ କୃଷ୍ଣ ସାହୁଙ୍କ ପୁଅ ଶାବଳ, କତା, ବାଡି ଧରି ଘରେ ପଶି ଅଶ୍ରାବ ଗାଳି ଦେବା ସହ ଲକ୍ଷ୍ମୀପ୍ରିୟାଙ୍କୁ ଆକ୍ରମଣ କରିଥିଲେ ।

## କେନ୍ଦୁଝରରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ସଂକ୍ରମଣ ପାଇଁ ବ୍ୟାପକ ସତର୍କତା : କୋଭିଡ ନିୟମ କଡା କଡି ପାଳନ ପାଇଁ ପୋଲିସର ଜନ ଗହଳିପୂର୍ଣ୍ଣ ସ୍ଥାନରେ ଚଢାଉ

କେନ୍ଦୁଝର: କରୋନା ମହାମାରୀ ର କଡ ଲେଉଟାଣୀ ପରେ ସବୁଆଡେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । କେନ୍ଦୁଝର ଜିଲ୍ଲା ରେ ହ୍ରାସ ପାଇ ଆସୁଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅନୁରୁପ ଭାବେ ପ୍ରତି ଦିନ ବଢିବା ରେ ଲାଗିଛି । ରାଜ୍ୟରେ କରୋନାକୁ ମୁକାବିଲା କରିବା ଲାଗି କୋଭିଡ ନିୟମକୁ କଡାକଡି ପାଳନ ଦିଗରେ ରାଜ୍ୟ ମଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିବା ବେଳେ ଏଥିପାଇଁ ପୋଲିସ ମୁଖ୍ୟଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ସମୁହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ଅମାନିଆଙ୍କୁ ସାବାଡ କରିବା ସପକ୍ଷରେ ମତ ପ୍ରକାଶ ପାଇଛି । ଏହି କ୍ରମରେ କେନ୍ଦୁଝର ରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ସଂକ୍ରମଣ ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ସହ କୋଭିଡ ନିୟମ କଡା କଡି ପାଳନ ପାଇଁ ପ୍ରାଧାନ୍ୟ ଦିଆଯାଉଛି ।

## ମନରେଗା ଦୁର୍ନୀତି, ବିଡିଓଙ୍କୁ ଫେରାଦ

ଆନନ୍ଦପୁର: ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବଳରାମପୁର ପଂଚାୟତ ନୂଆସାହିରେ ଖୋଳା ଯାଉଥିବା ପୋଖରୀ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅଭିଯୋଗ ଅନୁସାରେ ନୂଆସାହିରେ ଏକ ପରିତ୍ୟକ୍ତ ପୋଖରୀକୁ ମେସିନ୍ ଲଗାଇ ଖୋଳା ଯାଇଛି । ମନରେଗା ଯୋଜନାରେ ଏହି ନିର୍ମାଣ ହୋଇଥିବା ବେଳେ କାମରେ କୌଣସି ଶ୍ରମିକଙ୍କୁ ନିୟୋଜିତ କରାଯାଇ ନଥିବା ଅଭିଯୋଗ ହୋଇଛି । ଏପରିକି ପୋଖରୀ ହୁଡାରେ ଲାଗିଥିବା ସୂଚନା ଫଳକ ନିର୍ମାଣ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ । ପୋଖରୀ ତୁଠରେ ହୋଇଥିବା ପାହାଚ ମଧ୍ୟ ନିମ୍ନମାନର ଓ ବ୍ୟବହାର ଅନୁପଯୋଗି ବୋଲି ଅଭିଯୋଗରେ ଦର୍ଶା ଯାଇଛି । ଏଠାରୁ ଉଠା ଯାଉଥିବା ମାଟିକୁ ନିକଟରେ ଏକ ଖେଳ ପଡିଆ କରାଯିବାକୁ ପକା ଯାଉଛି । ଗ୍ରାମରେ ପୂର୍ବରୁ ଏକ ଖେଳ ପଡିଆ ରହିଥିବା ବେଳେ ଏହି ପଡିଆକୁ ଅନ୍ୟ କାମରେ ବ୍ୟବହାର କରାଯାଉଥିଲା । ପଡିଆ ମଝିରେ ଦୁଇଟି ଇଲେକ୍ଟ୍ରି ଖୁ□ ରହିଥିବା ବେଳେ ଏହା ଖେଳ ପଡିଆ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ଦର୍ଶା ଯାଇଛି । ମାଟି ପକା ନାମରେ ପଡିଆରେ ଥିବା ଗଛକୁ ନଷ୍ଟ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିର୍ମାଣ ନାମରେ ସରକାରୀ ଅନୁଦାନକୁ ହଡପ ପାଇଁ ଯୋଜନା କରିଥିବା ନେଇ ପୂର୍ବତନ ସରପଂଚ ତଥା ବରିଷ୍ଠ କଂଗ୍ରେସ ନେତା କଳାକର ନାୟକଙ୍କ ସମେତ ଗ୍ରାମର ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆରତୀ ସିଂହଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ପାହାଚରେ ଥିବା ତ୍ରୁଟିକୁ ସଂଶୋଧନ କରାଯିବ ଏବଂ ଫଳକ ସମ୍ପୂର୍ଣ୍ଣ ଲେଖାଯିବ ବୋଲି ସେ କହିଥିଲେ ।

## ଲୁଥେରାନ ଯୌନ କେଳେଙ୍କାରୀର ବିଚାର ବିଭାଗୀୟ ତଦନ୍ତ ଦାବି କଲା ଜନଶକ୍ତି ପାର୍ଟି



କେନ୍ଦ୍ରାପଡା: ଲୁଥେରାନ ମହିଳା ସମିତି ସିସିଆଇର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁ ପୁତ୍ର ଜନ୍ମ ଅଭିଯୋଗର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ । ଏହି ଉପଲକ୍ଷେ କେନ୍ଦ୍ରାପଡା ପବ୍ଲିକ ରିଡଂ ରୁମ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ଶ୍ରୀ ଦାଶ କହିଛନ୍ତି ଯେ ଦିବ୍ୟାଙ୍ଗ ମହିଳାଙ୍କର ଶିଶୁ ପୁତ୍ର ଜନ୍ମ ପ୍ରସଙ୍ଗ ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଜିଲ୍ଲାପାଳ ତୁରନ୍ତ ସେହି ଘଟଣାରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବା ସହ ସଂପୃକ୍ତ ପିଡିତା ମହିଳା ଏବଂ ତାଙ୍କ ଶିଶୁପୁତ୍ରକୁ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଛନ୍ତି । ଗୋଚର ଜମିର କିଷମ ବଦଳାଇ ଜମି ଅକ୍ତିଆର କରି ସମାଜର ଅବହେଳିତଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ମାନସିକତା ଥିବା ଅନୁଷ୍ଠାନର କର୍ମଚାରୀଙ୍କୁ କଳଙ୍କିନୀ ସଜାଇଥିବା ବ୍ୟକ୍ତି ଏବଂ ଅନୁଷ୍ଠାନର ସମସ୍ତ କାଗଜପତ୍ର ତନଖି କରାଯିବା ସହିତ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । ବିଶେଷ କରି ମହାକାଳପଡା ବ୍ଲକର ପାଟଳିପଙ୍କଠାରେ ଥିବା ଲୁଥରାନ ମହିଳା ସମିତି ନାମରେ ଯେଉଁ କାଳିମା ଲାଗିଛି ସେଥି ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । କେନ୍ଦ୍ରାପଡାର ସୁନାମ ବଜାଇ ରଖାଯିବାକୁ ନିବେଦନ କରି ସ୍ଥାନୀୟ ବିଧାୟକ, ଜିଲ୍ଲା ପ୍ରଶାସନ ଆଗେଇ ଆସି ବିଚାର ବିଭାଗୀୟ ତଦନ୍ତ ନିମନ୍ତେ ସୁପାରିଶ କରିବାକୁ ଦାବି କରାଯାଇଛି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରଶାନ୍ତ ମିଶ୍ର, ସୂର୍ଯ୍ୟମଣି ପଣ୍ଡା, ରମେଶ ଥାଟୋଇ, ସୁବାଷ ରାଉତ, ନଗେନ୍ଦ୍ର ଜେନା , ନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ
## ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

## ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ତତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

## ଜିଲ୍ଲାରେ ପୁଣି ୪୯ ଜଣ ସଂକ୍ରମିତ ଚିହ୍ନଟ, ମୋଟ ୫,୧୦୦

କନ୍ଧମାଳ,(ପିଏନ)– ଜଣେ ଆୟୁଷ ଡାକ୍ତରଙ୍କ ସମେତ ୪ ଜଣ କରୋନା ଯୋଦ୍ଧା ସଂକ୍ରମିତ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ନୂଆ ୪୯ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଏହା ସହିତ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୧୦୦ ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ୪,୬୮୯ ଜଣ ଅର୍ଥାତ ଆଜି ସୁଦ୍ଧା ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ୯୧.୯୪ ପ୍ରତିଶତ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୫ ରହିଛି ବର୍ତମାନ ସୁଦ୍ଧା କରୋନା ଜନିତ ମୃତ୍ୟୁ ହାର ୦.୪୯ ପ୍ରତିଶତ ରେ ରହିଛି । ଆଉ ୩୮୬ ଜଣ ସଂକ୍ରମିତ ଅର୍ଥାତ ମୋଟ ସଂକ୍ରମିଙ୍କ ୭.୫୭ ପ୍ରତିଶତ ରୋଗୀ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରେ ୫ ଜଣ ଓ ଗ୍ରାମାଂଚଳରେ ୩ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ବାଲିଗୁଡା ଗ୍ରାମାଂଚଳରେ ୨ ଜଣ, ଘୁ.ଉଦୟଗିରିର ବିଜ୍ଞାପିତ ଅଂଚଳରେ ୩ ଜଣ ଏବଂ ଗ୍ରାମାଂଚଳରେ ଜଣେ ଚିହ୍ନଟ ହୋଇଥିବାବେଳେ କ.ନୁଆଗାଁର ଜଣେ ଜଣ,ଚକାପାଦରେ ୭, ଦାରିଙ୍ଗବାଡିର ୫ ,ଫିରିଙ୍ଗିଆ ୬,ରାଇକିଆ ୧୦,ଟିକାବାଲିର ୪, ତୁମୁଡିବନ୍ଧ ଅଂଚଳରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ସୁତ୍ରରୁ ଜଣାପଡିଛି । ଏହାସହିତ କରୋନାରେ ଆକ୍ରାନ୍ତ ହୋଇ ଫୁଲବାଣୀ କୋଭିଡ ହସପିଟାଲରେ ଚିକିତ୍ସାଧିନ ଥିବା ରୋଗୀଙ୍କ ପରିବାର ଲୋକଙ୍କର ସୁବିଧା ପାଇଁ ଏବଂ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ ଫୁଲବାଣୀ କୋଭିଡ ହସପିଟାଲରେ ଆଜି ଠାରୁ ଏକ ହେଲ୍ପ ଡେସ୍କ ଖୋଲାଯାଇଛି । ଏହି ହେଲ୍ପ ଡେସ୍କକୁ ଯୋଗାଯୋଗ କରିବାକୁ ସେଠାରେ ପ୍ରଦାନ କରାଯାଇଥିବା ଏକ ନମ୍ବର(୮୪୮୦୩୮୭୫୩୫)ରେ ଯୋଗାଯୋଗ କରିବାକୁ କନ୍ଧମାଳ ଜିଲ୍ଲାପାଳ ଆଜି ଟ୍ୱିଟ୍ ଜରିଆରେ ସୂଚନା ଦେଇଛନ୍ତି । ତେବେ କରୋନା ସଂକ୍ରମଣ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ କାମରେ ଘରୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି ।

ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday April 09, 2021 | ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୦୯,୨୦୨୧ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

# ବାରୋ ପଞ୍ଚାୟତର ମନରେଗା ମହାଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଢଙ୍ଗରେ ପ୍ରତିବାଦ ଗଣଧାରଣା



କେନ୍ଦ୍ରାପଡା: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଢଙ୍ଗରେ ପ୍ରତିବାଦ ଗଣଧାରଣାରେ ବସିରହିଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ବ୍ଲକ ବିଡିଓ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା ମନରେଗା ଦୁର୍ନୀତି ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଣଧାରଣାରେ ବସିଥିବା ପଂଚାୟତବାସୀଙ୍କ ସମ୍ମୁଖରେ ଉଭୟ ଅଧିକାରୀଙ୍କ ସନ୍ତୁଷ୍ଟିକରଣ ପାଇଁ ହୋମଯଜ୍ଞ କରାଯାଇଛି । କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନରେ ପ୍ରାପ୍ତ ତଥ୍ୟ ଅନୁଯାଇ ବ୍ଲକର ବିଡିଓଙ୍କ ନିର୍ଦ୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି ଯେ ବାରୋ ନବଦୋୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କର୍ଯ୍ୟରେ ପ୍ରକଳ୍ପ ସମ୍ପର୍କରେ ନାଗରିକ ସୂଚନା ବୋର୍ଡ ନଥିବା, ସରକାରୀ ନିୟମ ଅନୁଯାଇ ସଂପୃକ୍ତ ପ୍ରକଳ୍ପର କେଶ ରେକର୍ଡ ପ୍ରସ୍ତୁତ ହୋଇନଥିବା ବେଳେ ସେହି କେଶ ରେକର୍ଡରେ କେତେକ ମୁଖ୍ୟ କାଗଜାଦ ନଥିବା, ସଂପୃକ୍ତ ପ୍ରକଳ୍ପର ମାପ ଏମବିରେ ହୋଇନଥିବା ବେଳେ ମଷ୍ଟରରୋଲ ଜେନେରେଟ କରାଯାଇ ତିନୋଟି ଫେଜରେ ଅନଲାଇନରେ ମଜୁରୀ ପ୍ରଦାନ କରାଯାଇଛି । ଟ୍ରାକ୍ଟର ଦ୍ୱାରା ଅନ୍ୟ ସ୍ଥାନରୁ ପ୍ରକଳ୍ପ ସ୍ଥଳକୁ ମାଟି ପରିବହନ କରାଯାଇଥିବା ବେଳେ ସେ ସମ୍ପର୍କରେ କୌଣସି ତଥ୍ୟ ରେକର୍ଡରେ ଉଲ୍ଲେଖ ନଥିବା ସମ୍ପର୍କରେ ଗତ ଫେବୃୟାରୀମାସ ୨୫ତାରିଖରେ ରିପୋର୍ଟ ବିଡିଓଙ୍କୁ ପ୍ରଦାନ କରାଯାଇଛି । କିନ୍ତୁ ଅଦ୍ୟାବଧି ସେହି ରିପୋର୍ଟ ଉପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ମାର୍ଚ୍ଚମାସ ୧ତାରିଖ ଓ ୧୭ତାରିଖରେ ସେହି ଦୁର୍ନୀତିରେ ସଂପୃକ୍ତ ଯନ୍ତ୍ରୀ, ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବକରି ପଂଚାୟତବାସୀ ଗଣଧାରଣା ଦେଇଥିଲେ । କେନ୍ଦ୍ରାପଡା ବ୍ଲକ ବିଡିଓଙ୍କ ଠାରୁ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳିବା ପରେ ସେହି ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା । କିନ୍ତୁ ଶେଷରେ ବିଡିଓଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନହେବାରୁ ପୁନର୍ବାର ପଂଚାୟତବାସୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବିସିରହିଥିବା ଦେଖିବାକୁ ମିଳିଛି । ବାରୋ ପଂଚାୟତ ଏକ ବୃହତ୍ତମ ପଂଚାୟତ ହୋଇଥିବା ବେଳେ ସେହି ପଂଚାୟତକୁ ଆସିଥିବା ମନରେଗା ଯୋଜନା ସରକାରୀ ଅନୁଦାନ ଅର୍ଥରେ କେନ୍ଦ୍ର ସରକାରଙ୍କ ନବଦ୍ୱୟ ବିଦ୍ୟାଳୟ ଖେଳପଡିଆରେ ଜେସିବି ମେସିନ ଦ୍ୱାରା ଅଳ୍ପ କିଛି କାର୍ଯ୍ୟ କରିଦେଇ ମାପଚୁପ କରାନଯାଇ କିମ୍ବା ଏମବିରେ ଏଂଟ୍ରି ନକରାଯାଇ ଏକଲକ୍ଷ ୩୩ହଜାର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଏଥିରେ ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ଜି.ଆର.ଏସ. ସଂପୃକ୍ତ ଥିବା ଅଭିଯୋଗ ହୋଇଛି । ଏହାବ୍ୟତିତ ବାଗୁଆ ଖେଳପଡିଆ, ତରାଣ୍ଡୋ ସ୍କୁଲ ପାର୍କ ନିର୍ମାଣ ନାମରେ ୬ଲକ୍ଷ ଟଙ୍କା ସରକାରୀ ଆକାଉଁଟରୁ ଉଠାଇ ନେଇ ହରିଲୁଟ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଏସମ୍ପର୍କରେ ପଂଚାୟତବାସୀ ଜିଲ୍ଲାପାଳ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଥିଲେବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ଏତଦଭିନ୍ନ ପଂଚାୟତ ଆଲୋକିକରଣ, ବୃକ୍ଷରୋପଣ, ଇଟିପୁର ଖେଳପଡିଆ, ବାରୋ ଏବଂ ଇଟିପୁର ଗ୍ରାମରେ ପୋଖରୀ ଖନନ, କଳାମାଟିଆ ରାସ୍ତା ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ, ତରାଣ୍ଡୋ ଏବଂ ଇଟିପୁର ସ୍କୁଲ ପାଚେରୀ ନିର୍ମାଣ ଏବଂ ନିଳିକଣା ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣରେ ପ୍ରାୟ ୫୦ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି । ଏକ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜନସାଧାରଣ ଦେଉଥିବା ଟ୍ୟାକ୍ସ ଅର୍ଥର ସଦବିନିଯୋଗ କରାଯିବାକୁ ଏବଂ ସରକାରୀ ଅନୁଦାନ ଅର୍ଥକୁ ଆତ୍ମସାତ କରିଥିବା ବ୍ୟକ୍ତିବିଶେଷଙ୍କୁ ଗିରଫ କରାଯିବା ଦାବିରେ ବାରୋ ପଂଚାୟତବାସୀଙ୍କ ପକ୍ଷରୁ ବସନ୍ତ ନାୟକ, ଭାଗୀରଥି ଜେନା, ଗୋବର୍ଦ୍ଧନ ଦାସ, ଉଦ୍ଧବ ସାହୁ, ମହେଶ୍ୱର ମଳିକ, ଦାମୋଦର ସ୍ୱାଇଁ, ପ୍ରଫୁଲ୍ଲ ତ୍ରିପାଠୀ, ହେମନ୍ତ କୁମାର ପରିଡା, ଉମେଶ ଚନ୍ଦ୍ର ପରିଡା, ରାଜକିଶୋର ନାୟକ, ଅଚ୍ୟୁତାନନ୍ଦ ପରିଡା, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଶତାଧିକ ପଂଚାୟତବାସୀ ଗଣଧାରଣାରେ ବସିରହିଥିବା ଦେଖାଯାଇଛି ।

# 'ଓସା'ର କର୍ମକର୍ତ୍ତା ନିର୍ବାଚନ : ଜ୍ଞାନ ପଟ୍ଟନାୟକ ସଭାପତି ନିର୍ବାଚିତ




ଚିକାଗୋ : ଚିକାଗୋରେ ଅବସ୍ଥାପିତ ଆଇ.ଟି. ବିଶେଷଜ୍ଞ ଜ୍ଞାନ ପଟ୍ଟନାୟକ 'ଓଡ଼ିଶା ସୋସାଇଟି ଅଫ୍ ଆମେରିକାଜ' (ଓସା)ର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି । ଅନ୍‌ଲାଇନ୍ ଯୋଗେ ଅନୁଷ୍ଠିତ ଏହି ବହୁଚର୍ଚ୍ଚିତ ନିର୍ବାଚନରେ ଶ୍ରୀ ପଟ୍ଟନାୟକ ନିଉ ଇଂଲଣ୍ଡସ୍ଥିତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଉର୍ଯ୍ୟ ମହାପାତ୍ରଙ୍କୁ ପରାସ୍ତ କରି ବିଜୟୀ ଘୋଷିତ ହୋଇଛନ୍ତି । ମିଚ୍ଚିଗାନ ନିବାସୀ ଅକ୍ଷୟ ରାୟ କାଲିଫର୍ଣ୍ଣିଆର ସୁନିଲ ସାବତଙ୍କୁ ପରାଜିତ କରି 'ଓସା'ର ଉପ-ସଭାପତି ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି । ଟେନ୍ନେସେରେ ବସବାସ କରୁଥିବା ପ୍ରମୋଦ ମହାପାତ୍ର 'ଓସା'ର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ମହାପାତ୍ର ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ସାଉଥ୍‌ୱେଷ୍ଟର ସ୍ମରଣିକା ରାଉତଙ୍କୁ ପରାଜିତ କରିଛନ୍ତି । ସାଉଥ୍‌ୱେଷ୍ଟର ପ୍ରାଚୀ ବେହେରା, ୱାସିଂଟନ ଡିସିର ଅନା ଚୌଧୁରୀଙ୍କୁ ପରାସ୍ତ କରି 'ଓସା'ର କୋଷାଧକ୍ଷ ପଦବୀକୁ ଅକ୍ତିଆର କରିଛନ୍ତି । 'ଓସା'ର ନୂଆ ପଦାଧିକାରୀମାନଙ୍କର କାର୍ଯ୍ୟକାଳ ୨୦୨୧ରୁ ୨୦୨୩ ମସିହା ପର୍ଯ୍ୟନ୍ତି ଦୁଇ ବର୍ଷ ଅବଧି ପାଇଁ ହେବ । ଚଳିତ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ହେବାକୁ ଯାଉଥିବା 'ଓସା'ର ବାର୍ଷିକ ଅଧିବେଶନରେ ଏହି ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କ ଦାୟିତ୍ୱଭାର ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ୧୯୫୯ ମସିହାରେ ପ୍ରତିଷ୍ଠିତ 'ଓସା' ଏବେ ଆମେରିକାର ସର୍ବପୁରାତନ ଓ ସର୍ବବୃହତ ଓଡ଼ିଆ ସଂଗଠନର ମାନ୍ୟତା ଲାଭ କରିଛି । କାନାଡ଼ା ସମେତ ଏହାର ୧୯ଟି ପ୍ରାଦେଶିକ ଶାଖା ରହିଛି । 'ଓସା'ର ନୂତନ କର୍ମକର୍ତ୍ତାମାନଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇ 'ବିଶ୍ୱ ଓଡ଼ିଶା ସମାଜ'ର ଅଧକ୍ଷ କିଶୋର ଦ୍ୱିବେଦୀ, ଜ୍ଞାନ ପଟ୍ଟନାୟକଙ୍କର ସକ୍ରୀୟ ଏବଂ ସୁଦକ୍ଷ ନେତୃତ୍ୱ ଅଧୀନରେ 'ଓସା' ସମଗ୍ର ଆମେରିକାର ପ୍ରବାସୀ ଓଡ଼ିଆମାନଙ୍କର ସର୍ବାଙ୍ଗୀନ ହୀତ ସାଧନ ପାଇଁ ଉଦ୍ୟମ ଜାରି ରଖିବା ସାଙ୍ଗକୁ ମାତୃପ୍ରଦେଶ ଓଡ଼ିଶାର ମଙ୍ଗଳ ପାଇଁ ମଧ ସହଯୋଗର ହାତ ପୂର୍ବବତ ବଢ଼ାଇ ଚାଲିବେ ବୋଲି ଆଶା ପ୍ରକଟ କରିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

# ବେଦାନ୍ତର ୱେଷ୍ଟ ଟୁ ୱେଲଥ୍ କାର୍ଯ୍ୟକ୍ରମ ଓଡ଼ିଶା ଓ ଛତିଶଗଡ଼ର ସ୍ଥାନୀୟ ଏମଏସଏମଇଗୁଡ଼ିକର ସମୃଦ୍ଧିରେ ସହାୟକ ହେଉଛି



ଭୁବନେଶ୍ୱର : ଭାରତର ଅଗ୍ରଣୀ ଆଲୁମିନିୟମ ଓ ଏହାର ମୂଲ୍ୟଯୁକ୍ତ ଉତ୍ପାଦ୍ ନିର୍ମାତା ବେଦାନ୍ତ ଆଲୁମିନିୟମ ଓ ପାୱାର ବବ୍ୟବସାୟ, ଏହାର ଅଭିନବ କାର୍ଯ୍ୟକ୍ରମ ୱେଷ୍ଟ ଟୁ ୱେଲଥ୍ ଦ୍ୱାରା ଗ୍ରାମାଂଚଳରେ ଶହେରୁ ଅଧିକ ଏମଏସଏମଇକୁ ସମୃଦ୍ଧ କରି ପାରିଛି । ୱେଷ୍ଟ ଟୁ ୱେଲଥ୍ କାର୍ଯ୍ୟକ୍ରମ ବେଦାନ୍ତର ଏକ ସ୍ଥାୟୀ କାର୍ଯ୍ୟସୂଚୀ ଯାହା ଶୂନ୍ୟ କ୍ଷତିକାରକ, ଶୂନ୍ୟ ବର୍ଜ୍ୟ ଓ ଶୂନ୍ୟ ଡିସଚାର୍ଜ ବ୍ୟବସ୍ଥା ଆଧାରରେ ପର୍ଯ୍ୟବେଶିତ ଏବଂ ଏହାର ବିଶ୍ୱଶ୍ରେଣୀୟ ଆଲୁମିନା ରିଫାଇନାରୀ ଲାଂଜିଗଡ଼ (ଓଡ଼ିଶା) ଓ ଅତ୍ୟାଧୁନିକ ଆଲୁମିନିୟମ ସ୍ମେଲଟର ଝାରସୁଗୁଡ଼ା (ଓଡ଼ିଶା) ଓ କୋବ୍ରା (ଛତିଶଗଡ଼)ର ସହଯୋଗରେ ପରିଚାଳିତ ହେଉଛି । କଂପାନି ମଧ୍ୟ ଦେଶର କେତେକ ଅଗ୍ରଣୀ ଜିଲ୍ଲାରେ ସମାଜିକ ଅର୍ଥନୈତିକ ବିକାଶ କାର୍ଯ୍ୟକୁ ପ୍ରୋତ୍ସାହିତ କରିଆସୁଛି । ବେଦାନ୍ତର ଅନ୍ୟ ଏକ ଅଭିନବ ପ୍ରୟାସ ହେଉଛି ଫ୍ଲାଏ ଆଶ ଇଟା ତିଆରି ପାଇଁ ପ୍ରୋତ୍ସାହନ ଦେବା । କଂପାନି ଏହାର ପରିସର ଓ ଆଖ ପାଖ ଅଂଚଳର ଇଟା ତଆରି କରୁଥିବା ଏକ ଶହରୁ ଅଧିକ ଏମଏସଏମଇ ଗୁଡ଼ିକୁ ବିନା ମୂଲ୍ୟରେ ଫ୍ଲାଏ ଆଶ ଯୋଗାଇ ଦେଉଛି । ବର୍ଷକୁ ପ୍ରାୟ ୫ ଲକ୍ଷ ମେଟ୍ରକ ଟନ ଫ୍ଲାଏ ଆଶ ଯୋଗକା ହେଉଛି । ଏହା ବ୍ୟତୀତ କଂପାନି ପକ୍ଷରୁ ବୈଷୟିକ ଶିକ୍ଷାନୁଷ୍ଠାନ ସହଯୋଗୀଙ୍କ ଜରିଆରେ ନିର୍ମାତାଙ୍କୁ ଇଟା ତିଆରି ଜ୍ଞାନ କୌଶଳ ଓ ତାଲିମ ବ୍ୟବସ୍ଥା କରାଯାଉଛି । ଏହା ଦ୍ୱାରା ଅର୍ଥନୈତିକ ସମୃଦ୍ଧି ସାଙ୍ଗକୁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ଏହି ଅଚଂଳରେ ପୂର୍ବରୁ ଗରିବ ହୀତାଧିକାରୀ ପାଇଁ ଗୋରୁ ଚରାଇବା ବ୍ୟତିତ ଅନ୍ୟ କୌଣସି ପନ୍ଥା ନଥିଲା ଏବେ ସେମାନେ ଇଟା ତିଆରି କାର୍ଯ୍ୟରୁ ନିଜ ପାଇଁ ଅର୍ଥ ଉପାର୍ଜନ କରିପାରୁଛନ୍ତି । ଆଲୁମିନା ରିଫାଇନାରୀ ଲାଂଜିଗଡ଼ କଳାହାଣ୍ଡି କରଖାନା ଦ୍ୱାରା ସୃଷ୍ଟି ହେଉଥିବା ୯୦% ଫ୍ଲାଏ ଆଶ ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ଇଟା ତିଆରି ପାଇଁ ସହାୟକ ହୋଇ ପାରିଛି । ବେଦାନ୍ତ ଲିମିଟେଡ୍ ଆଲୁମିନା ବିଜିନେସର ଡେପୁଟି ସିଇଓ-ଶ୍ରୀ ରହୁଲ ଶର୍ମା କହିଥିଲେ ଯେ ନ୍ତବେଦାନ୍ତରେ ଆମେ ସବୁବେଳେ ରାଷ୍ଟ୍ର ପାଇଁ କିଛି ଅଭିନବତା, ଉତମ ଜ୍ଞାନ କୌଶଳ ଓ ବିଶ୍ୱ ସ୍ତରୀୟ କାର୍ଯ୍ୟାଭ୍ୟାସ ପ୍ରଣୟନ କରିବାକୁ ଚେଷ୍ଟା କରିଥାଉ । ଆମର ସମସ୍ତ ବ୍ୟବସାୟିକ କାର୍ଯ୍ୟ ସୂଚୀ ଓ ଲକ୍ଷ୍ୟରେ ଆମେ ଏକ ସ୍ଥାୟୀ ବିକାଶ ଓ ସମୃଦ୍ଧି ପନ୍ଥାକୁ ଗୁରୁତ୍ୱ ଦେଇଥାଉ । ଆମ ଅଂଚଳରେ ରହିଥିବା ଏମଏସଏମଇ ଗୁଡ଼ିକର ସମୃଦ୍ଧି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଏହି ଦୁର୍ଗମ ଅଂଚଳର ଲୋକମାନେ ପ୍ରାୟତଃ କାମ ଧନ୍ଦା ଅନ୍ୱେଷଣରେ ବାହାରକୁ ଯାଇଥାନ୍ତି ଓ ମହାମାରୀ ସମୟରେ ସେମାନଙ୍କୁ ଘରକୁ ଫେରାଇ ଅଣାଯାଇଥିବାରୁ ସେମାନଙ୍କ ପାଇଁ କାମ ମିଳିବା କଷ୍ଟକର । ଏହି ପରିପ୍ରେକ୍ଷୀ ସ୍ଥାନୀୟ ଉଦ୍ୟୋଗୀଙ୍କ ଜରିଆରେ ଇଟା ତିଆରି କାର୍ଯ୍ୟ ସେମାନଙ୍କୁ କର୍ମପନ୍ଥା ଯୋଗାଇବାରେ ସହାୟକ ହେବ । ଆମର ସମସ୍ତ ବ୍ୟବସାୟିକ ୟୁନିଟ ବର୍ଜ୍ୟ ବସ୍ତୁର ପରିଚାଳନା ଓ ବର୍ଜ୍ୟ ପଦାର୍ଥକୁ କମ କରିବା, ପୁନଃବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି । ଏହା ଦ୍ୱାରା ସ୍ଥାନୀୟ ଉଦ୍ୟୋଗୀ ବିଶେଷ ଉପକୃତ ହୋଇ ପାରିବେ । ନ୍ତ ଝାରସୁଗୁଡ଼ାରେ ଫ୍ଲାଏଆଶ ଇଟା ତିଆରି କରୁଥିବା କୋଲାବିରା ଗ୍ରାମର ହୀତାଧିକାରୀ କୀର୍ତି ଚନ୍ଦ୍ର ବିହିଦାର କହିଛନ୍ତି ଯେ ନ୍ତଝାରସୁଗୁଡ଼ାରେ ବେଦାନ୍ତର ଉପସ୍ଥିତିକୁ ମୁଁ ଧନ୍ୟବାଦ ଜଣାଉଛି । ମୋର ଏହି ଛୋଟିଆ ବ୍ୟବସାୟ ପଛରେ ବେଦାନ୍ତ ଅବଦାନକୁ ମୁଁ କେବେ ଭୁଲି ପାରିବ ନାହିଁ । ଆଜି ମୁଁ ମୋର କାରଖାନା ପାଇଁ ବେଦାନ୍ତ ଠାରୁ କଂଚାମାଲକୁ ସହଜ ତଥା ବିନା ମୂଲ୍ୟରେ ପାଇପାରୁଛି । ମୁଁ ବାର୍ଷିକ ପାଖାପାଖି ୫୦ଲକ୍ଷ ଇଟା ପ୍ରସ୍ତୁତ କରିପରୁଛି, ଯାହାକି ନିର୍ମାଣ କାର୍ଯ୍ୟରେ ବହୁଳ ବ୍ୟବହାର କରାଯାଇଥାଏ । ଏହି ବ୍ୟବସାୟରୁ ମୁଁ ବାର୍ଷିକ ଭଲ କାରବାର ମଧ୍ୟ କରୁଛି, ଯାହଦ୍ୱାରା ମୁଁ ଦୃତ ଉନ୍ନତି କରିପାରୁଛି ଏବଂ ମୁଁ ଅନ୍ୟମାନଙ୍କୁ ରୋଜକାର ଦେଇପାରୁଥିବାରୁ ନିଜକୁ ଧନ୍ୟ ମନେକରୁଛି । ମୁଁ ଆଶା କରୁଛି ମୋ ପରି ବହୁ ଲୋକ ବେଦାନ୍ତର ସହଯୋଗରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରନ୍ତୁ ଏବଂ ଲାଭବାନ ହୁଅନ୍ତୁ । ବେଦାନ୍ତର ଆଲୁମିନିୟମ ବ୍ୟବସାୟରେ ସଂପୃକ୍ତ ସବୁ ୟୁନିଟ ମେସାନଙ୍କ ଫ୍ଲାଏ ଆଶାକୁ ୧୦୦% ବିନିଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି । ସଂସ୍ଥା ପକ୍ଷରୁ ମଧ୍ୟ ନିର୍ମାଣ ୟୁନିଟ, ସଡ଼କ ତିଆରି, ସବୁଜ ସଡ଼କ ପ୍ରସ୍ତୁତି, ଖଣିର ଗର୍ତ ପୂରଣ ପ୍ରଭୃତି କାର୍ଯ୍ୟରେ ଫ୍ଲାଏ ଆଶକୁ କାର୍ଯ୍ୟରେ ଲଗାଇବା ପାଇଁ ସହାୟତା ଯୋଗାଇ ଦିଆଯାଉଛି । ଆର୍ଥିକ ବର୍ଷ ୨୧ରେ ବେଦାନ୍ତ ଏହାର ଫ୍ଲାଏ ଆଶାକୁ ଏହି ପ୍ରଣାଳୀ ଜରିଆରେ ୧୧୭% ଉପଯୋଗ କରିବାକୁ ଯୋଜନା ରଖିଛି । ବେଦାନ୍ତ ଆଲୁମିନିୟମ ଓ ପାୱାର ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ବାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ କିମ୍ବା ଆର୍ଥିକ ବର୍ଷ ୨୦ ରେ ୧.୯ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା । ଏହା ମଧ୍ୟ ଦେଶର ସର୍ବବୃହତ ଘରୋଇ ଶକ୍ତି ଉତ୍ପାଦନକାରୀ ସଂସ୍ଥା ମଧ୍ୟରୁ ଅନ୍ୟତମ । ବାଲ୍‌କୋ ହେଉଛି ବେଦାନ୍ତର ଆଲୁମିନିୟମ ଓ ପାୱାର ବ୍ୟବସାୟର ଏକ ଅଂଶ । ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ନିର୍ମାଣ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଔଦ୍ୟୋଗିକ କ୍ଷେତ୍ରରେ ସର୍ବବୃହତ ଜ୍ଞାନକୌଶଳକୁ ଆପଣାଇ ବିଶ୍ୱ ଶ୍ରେଣୀୟ ସ୍ମେଲ୍‌ଟର, ପାୱାର ପ୍ଲାଂଟ ଓ ଆଲୁମିନା ରିଫାଇନାରୀ କାର୍ଯ୍ୟ କରୁଛି । ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray